ବିଶ୍ୱସାହିତ୍ୟ ଗ୍ରନ୍ଥମାଳା

ପିନୋକିଓ

ଗ୍ରନ୍ଥମନ୍ଦିର

Digitized by srujanika@gmail.com

ବିଶ୍ୱ ସାହିତ୍ୟ ଗ୍ରନ୍ଥମାଳା :

ପିନୋକିୟୋ

[PINOCCHIO ବହିର ଓଡ଼ିଆ ରୂପାନ୍ତର]

ଅନୁବାଦ :
ଶ୍ରୀମତୀ ସୁଜାତା ମିଶ୍ର

ଗ୍ରନ୍ଥ ମନ୍ଦିର

Digitized by srujanika@gmail.com

ପ୍ରକାଶକ : ଅଭିରାମ ମହାପାତ୍ର
ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ-୨
ଗ୍ରନ୍ଥମନ୍ଦିର, ବାରକ୍‌ସ, ବ୍ରହ୍ମପୁର-୧

ମୁଦ୍ରକ : ଜୟରାମ ମହାପାତ୍ର
ଗ୍ରନ୍ଥପ୍ରକାଶିନୀ, ସୂତାହାଟ, କଟକ-୧

ପ୍ରଥମ ମୁଦ୍ରଣ : ୧୯୮୫

ମୂଲ୍ୟ : [illegible]

Digitized by srujanika@gmail.com

ପିନୋକିଓ

ବହୁତ ଦିନ ତଳର କଥା । ଦରିଆ ସେପାରିରେ ଥିବା ବହୁତ-ଦୂର ଗାଇଜଟିରେ ଗେପେଟୋ ବୋଲି ଗରିବ ବଢ଼େଇଟିଏ ରହୁଥାଏ । ବିଚରା ବୁଢ଼ା ବଢ଼େଇଟିର ନିଜର ବୋଲି ଆଉ କେହି ନଥାନ୍ତି । ତା'ର ପରିବାର ହେଲା ଫିଗାରୋ ବୋଲି ଗୋଟିଏ କୁନି ବିଲେଇଛୁଆ ଏବଂ କାଚ ଜାର୍ ଭିତରେ ଥିବା ଗୋଟିଏ ସୁନ୍ଦର ସୁନେଲି ମାଛ, ଯାହାର ନାଁ ସେ ଦେଇଥାଏ କ୍ଲିଓ । ଘରେ ସିନା ବୁଢ଼ାର କେହି ନଥାନ୍ତି; କିନ୍ତୁ ତା'ର ଭଲ ବ୍ୟବହାର ଯୋଗୁଁ ସେ ଗାଇଜଯାକ ଲୋକଙ୍କୁ ଆପଣାର କରିପାରିଥାଏ । ପ୍ରକୃତରେ ଗେପେଟୋର ସାରା ଜୀବନଟା ହିଁ କଟିଥିଲା ଅନ୍ୟମାନଙ୍କୁ ସୁଖୀ କରିବା ପାଇଁ । ସେଇ ପାଚିଲାବାଳିଆ ଦରଦୀ ବୁଢ଼ା ବଢ଼େଇ ଗେପେଟୋର ସେ ଗାଇଜଯାକରେ ଭାରି ନାଁ ।

ସେ ଗାଇଜର ପିଲାମାନେ ଗେପେଟୋକୁ ଖୁବ୍ ଭଲପାଆନ୍ତି; କାରଣ ସେ ବହୁତ ସୁନ୍ଦର ସୁନ୍ଦର କଣ୍ଢେଇ ତିଆରି କରିଜାଣେ । ତା' ହାତ ବାଜିଲେ ସତେ ଯେମିତି ନିର୍ଜୀବ କଣ୍ଢେଇଗୁଡ଼ାକ ଜୀବନ୍ତ ହୋଇଉଠନ୍ତି । ତା'ଛଡ଼ା ପିଲାଙ୍କ କଣ୍ଢେଇ ଭାଙ୍ଗିଗଲେ ସେମାନେ ଗେପେଟୋ ଘରକୁ ଯାଇ ସେଗୁଡ଼ିକ ମରାମତି କରାଇ ନୂଆ ପରି କରି-ଆଣନ୍ତି । କାହାର କଣ୍ଢେଇର ପେଟରୁ କରତଗୁଣ୍ଡ ଝଡ଼ିଯାଇଥାଏ ତ ଆଉ କାହା କଣ୍ଢେଇର ମୁହଁରୁ ରଙ୍ଗ ଛାଡ଼ିଯାଇଥାଏ । ଆଉ ପୁଣି କାହା କଣ୍ଢେଇ ସୈନିକର ହାତ ଗୋଡ଼ ଝଡ଼ିପଡ଼ିଥାଏ । ଆଖି

Digitized by srujanika@gmail.com

ପିନ୍ଧୁଲାକେ ଗେପେଟୋ କଣ୍ଢେଇର ପେଟରେ କରତଗୁଣ୍ଡ ଭର୍ତ୍ତି କରିଦିଏ । ଭଙ୍ଗାଛଡ଼ା କଣ୍ଢେଇର ମୁହଁରେ ରଙ୍ଗିନ୍ ଦାଗ ବୋଳିଦିଏ । କଣ୍ଢେଇ ସୈନିକଙ୍କର ହାତ ଗୋଡ ଫେରିଆସେ । ଏ ଭଳି ଯାଦୁକର ବୁଢ଼ାକୁ ପିଲେ ବା' କାହିଁକି ଭଲନପାଇବେ ?

ଥରେ ଖଣ୍ଡେ ବଡ଼ିଆ କାଠଗଡ଼ ଗେପେଟୋକୁ ମିଳିଲା । ଆଉ କିଏ ହୋଇଥିଲେ ଶୀତରୁ ରକ୍ଷା ପାଇବାପାଇଁ ସେ ଖଣ୍ଡିକରେ ନିଆଁ ଜାଳି ସେକିହୋଇଥାନ୍ତା । କିନ୍ତୁ ଗେପେଟୋ ବିଚରାକୁ ଏତେ ଏକୁଟିଆ ଲାଗୁଥାଏ ଯେ ସେ ଭାବିଲା, ଏ ବଡ଼ିଆ କାଠଖଣ୍ଡିକରୁ ସୁନ୍ଦର କଣ୍ଢେଇଟିଏ ତିଆରି କରିବ ଯାହା ସାଙ୍ଗରେ ଅବସର ସମୟରେ ଖେଳି ନିଜର ସମସ୍ତ ଖୁସିରେ କଟାଇବ । ସେ କଣ୍ଢେଇଟିକୁ ତାର ନିଜର ପୁଅ ଭଳି ଗେଲ କରିବ ବୋଲି ଭାବି ମନେ ମନେ ଖୁସି ହେଲା ।

ବାହାରେ ଝୁପୁଝୁପୁ ବର୍ଷା । ସୁ-ସୁ ହୋଇ ଥଣ୍ଡା ପବନ ଧୂଆଁ ନଳାବାଟେ ପଶିବାର ଶୁଭୁଥାଏ । ଗେପେଟୋ ଘର ଭିତରଟା କିନ୍ତୁ କାଠଗୁଣ୍ଡି ଜଳାଇ ଉଷୁମ କରି ରଖିଥାଏ । ଝିଙ୍କାରିଟିଏ ଝରକା କାନ୍ଥରେ ରହି ଝିଁ-ଝିଁ ରଡ଼ି କରୁଥାଏ । ବଲେଇଛୁଆ ଫିଗାରୋ ଘର ଭିତରେ ପଡ଼ିଥିବା କାଠଗୁଣ୍ଡରେ ଚଢ଼ ଚଢ଼ ଖେଳୁ-ଥାଏ । ବୁଢ଼ା ଗେପେଟୋ କିନ୍ତୁ ଲାଗିପଡ଼ିଥାଏ କାମରେ—କାଠ ଖଣ୍ଡକରୁ ଗୋଟିଏ ସୁନ୍ଦର କଣ୍ଢେଇ ତିଆରି କରିବାକୁ ହେବ । କିନ୍ତୁ ତା' ନାଁ କ'ଣ ରଖିବ ? ପିନୋକିଓ୍ୱୋ ନାଁଟା ତାକୁ ଭାରି ଭଲଲାଗେ । ତେଣୁ ସେ ଶେଷରେ ଠିକ୍ କଲା ଯେ କଣ୍ଢେଇଟିର ନାଁ ପିନୋକିଓ୍ୱୋ ହିଁ ରଖିବ ।

ବଡ଼େଇ ଗେପେଟୋ ପ୍ରଥମେ କଣ୍ଢେଇଟିର ମୁଣ୍ଡ ତିଆରିକଲା ଏବଂ ତା' ଉପରେ କଳାମଚମଚ ବାଳଗଣ୍ଡିଏ ସଜେଇ

Digitized by srujanika@gmail.com

ଦେଲା । ତା'ପରେ ଚଉଡ଼ା ଓ ଚିକ୍‌କଣ କପାଳଟିଏ ଓ ଚକା ଚକା ଆଖି ଦୁଇଟି ଖୋଳି ତିଆରିକଲା । ବୁଢ଼ା ଗେପେଟୋ ଦେଖି ଆଶ୍ଚର୍ଯ୍ୟ ହୋଇଗଲା ଯେ କଣ୍ଢେଇଟି ଧୀରେ ଧୀରେ ଜୀବନ୍ତ ହୋଇ ହୋଇ ଯାଉଛି ଏବଂ ଗୋଲ ଗୋଲ ଆଖି ଦୁଇଟି ତରାଟି ତା' ଆଡ଼କୁ ଚାହିଁ ରହିଛି । ତା'ପରେ ପାଳି ପଡ଼ିଲା ନାକର । ବୁଢ଼ା କଣ୍ଢେଇଟିର ମୁହଁରେ ସୁନ୍ଦର ନାକଟିଏ ତିଆରି କରିଦେଲା; କିନ୍ତୁ ଆଶ୍ଚର୍ଯ୍ୟର କଥା ଯେ କଣ୍ଢେଇଟିର ନାକଟି ମନକୁ ମନ ବଢ଼ି ଯାଉଥାଏ ଏବଂ ବୁଢ଼ା ତାକୁ ଯେତେଥର କାଟୁଥାଏ ସେ ସେତେଥର ବଢ଼ି ଯାଉଥାଏ । ଶେଷରେ ବୁଢ଼ା ଦୀର୍ଘନିଶ୍ୱାସଟିଏ ପକାଇ ନାକଟିକୁ ସେମିତି ଛାଡ଼ିଦେଲା; ତେଣୁ ନାକଟି ସାଧାରଣ ଛୁଆଙ୍କ ନାକ ଅପେକ୍ଷା ଟିକିଏ ଅଧିକା ଲମ୍ବା ହୋଇ ରହିଲା । ତା'ପରେ ନାକ ତଳେ ଚଉଡ଼ା ପାଟିଟିଏ ଖୋଳିଦେଲା । ପାଟିର କାମ ଯେମିତି ସରିଛି, କଣ୍ଢେଇଟି ତା' ଜିଭ କାଢ଼ି ବୁଢ଼ାକୁ ଟିକିଏ ଖତେଇଦେଲା ।

"କି ଦୁଷ୍ଟ କଣ୍ଢେଇଟିଏ ତୁ ହେଲୁ ?"—ବୋଲି ବୁଢ଼ା ମନେ ମନେ ସିନା ଭାବିଲା; କିନ୍ତୁ ମୁହଁ ଖୋଲି କିଛି କହିଲା ନାହିଁ । ତା'ପରେ ପିନୋକିଓର ସୁନ୍ଦର ସୁନ୍ଦର ଛୋଟ ଛୋଟ ହାତଗୋଡ଼ ଗୁଡ଼ିକ ତିଆରି ହେଲା । ତିଆରି ପୂରା ସରିବାପରେ ବୁଢ଼ା ଗେପେଟୋ ପିନୋକିଓକୁ ଧୀରେ ତଳେ ଠିଆକରିଦେଲା । କିନ୍ତୁ କାଠଗୋଡ଼ ଦୁଇଟି ନୂଆ ହୋଇଥିବାରୁ ପ୍ରଥମେ ସେ ଭଲ କରି ଚାଲିପାରୁନଥାଏ । ଗେପେଟୋ ତା' ଆଗରେ ଟିକିଏ ଚାଲି ଦେଖାଇଲା । କଣ୍ଢେଇ ପିନୋକିଓ ତାକୁ ଦେଖି ସାଙ୍ଗେ ସାଙ୍ଗେ ଚାଲିବା ଶିଖିଲା ।

ଗେପେଟୋ ବିରାଡ଼ିକୁ ଡାକି କହିଲା—ଫିଗାରୋ ! ଦେଖିଲୁ ଏ କଣ୍ଢେଇଟି କିପରି ଜୀବନ୍ତ ପିଲାଟିଏ ପରି ଦିଶୁଛି । ଯଦି ସତରେ ଜୀବନ୍ତ ହୋଇଥାନ୍ତା, ତେବେ କି ମଜା ହୋଇଥାନ୍ତା ?

Digitized by srujanika@gmail.com

ଗେପେଟ୍ଟୋ ତା' କଥାର ଉତ୍ତରରେ କେବଳ ଝରକାର ଘଡ଼୍ ଘଡ଼୍ ଶବ୍ଦ ଶୁଣିପାରିଲା । ତେଣେ ପିନୋକ୍କିଓ ଧୀରେ ଧୀରେ ଘରଭିତରେ ବୁଲିବା ଆରମ୍ଭ କଲା । ଏମିତି ବୁଲୁ ବୁଲୁ ହଠାତ୍ ସେ ଦୁଆର ଡେଇଁ ରାସ୍ତାକୁ ଚାଲିଗଲା ଏବଂ ରାସ୍ତାରେ ଛେଳିମତ ଧାଇଁବା ଆରମ୍ଭ କରିଦେଲା । ବୁଢ଼ା ଗେପେଟ୍ଟୋ ମଧ୍ୟ ତା' ପଛରେ ଧାଇଁଥାଏ ଏବଂ ପାଟିକରି କହୁଥାଏ, "ତାକୁ ଧର, ତାକୁ ଧର ।"

ବିଚରା ବୁଢ଼ା ଗେପେଟ୍ଟୋର ହୃଦୟଟି ଅତି କୋମଳ । ସେ କରେଇ ପିନୋକ୍କିଓକୁ ନିଜ ପୁଅ ଭଳି ସ୍ନେହ କରିବା ଆରମ୍ଭ କରିଦେଇଥିଲା । କିନ୍ତୁ କରେଇଟି ତା'ର ପ୍ରଥମ ବ୍ୟବହାରରୁ ହିଁ ଦେଖାଇଦେଲା ଯେ ସେ ଅତି ଦୁଷ୍ଟ ଏବଂ ସ୍ୱାର୍ଥପର ।

ପିନୋକ୍କିଓ ଏପରି ଦୌଡ଼ୁ ଦୌଡ଼ୁ ଗୋଟିଏ ପୁଲିସ୍ ହାବୁଡ଼ରେ ପଡ଼ିଗଲା । ପୁଲିସ୍‌ଟି ତା' ଲମ୍ବା ନାକଟିକୁ ଧରିପକାଇଲା । କିନ୍ତୁ ପିନୋକ୍କିଓ ନାନା ଭାବରେ ମୋଡ଼ିଭିଡ଼ି ହୋଇ କୌଣସି ପ୍ରକାରେ ତା' ହାତରୁ ଖସି ଚାଲିଆସିଲା ଏବଂ ଦୌଡ଼ି ଦୌଡ଼ି ଘରେ ଆସି ପହଞ୍ଚିଲା । ତେଣେ ବୁଢ଼ା ଗେପେଟ୍ଟୋ ପିନୋକ୍କିଓକୁ ଖୋଜି ବୁଲୁଥାଏ; କିନ୍ତୁ ପିନୋକ୍କିଓର ସେଥିରେ କ'ଣ ଯାଏଆସେ ? ସେ କେବଳ ତା' ନିଜ କଥା ହିଁ ଭାବୁଥିଲା । ଦୌଡ଼ି ଦୌଡ଼ି ହାଲିଆ ହୋଇଯାଇଥିବାରୁ ସେ ବିଶ୍ରାମ ନେବାକୁ ଯାଉଥିଲା । ସେତିକିବେଳେ କିଏ ଗୋଟିଏ ଝିଁ-ଝିଁ ଶବ୍ଦ ହେବା ସେ ଶୁଣିପାରିଲା । ପିନୋକ୍କିଓ ଟିକିଏ ଡରିଯାଇ ପଚାରିଲା, "କିଏ ସେମିତି କରୁଛି ?"

"ମୁଁ କରୁଛି ।"

ପିନୋକ୍କିଓ ଚାହିଁ ଦେଖିଲା ଯେ ଗୋଟିଏ ବଡ଼ ଝିଙ୍କାରି ଧୀରେ ଧୀରେ କାନ୍ଥ ଉପରକୁ ଚଢ଼ୁଛି ।

Digitized by srujanika@gmail.com

"ତୁ କିଏ ?"—ପିନୋକିଓ୍ୱ ପଚାରିଲା ।

"ମୋ ନାଁ ଝିଙ୍କାରି । ମୁଁ ଏଇ ଘରେ ଶହ ଶହ ବର୍ଷ ହେଲା ରହିଆସୁଛି ।"

"ତେବେ ଏଥର ଚାଲିଯା ।"—ପିନୋକିଓ୍ୱ ଟିକିଏ ରାଗି ଚିତ୍କାର କରି କହିଲା ।

"ତୋ' ଭଳି ଘରୁ ଲୁଚି ପଳାଇଥିବା ପିଲାମାନଙ୍କ ପ୍ରତି ମୋର ଦୟା ହୁଏ । ସେମାନେ ଜୀବନରେ କେବେ ଭଲ କାମ କରି ପାରନ୍ତି ନାହିଁ । —ଝିଙ୍କାରିଟି ଏପରି ଉପଦେଶ କଥା ଶୁଣାଇ ଗୋଟିଏ ଗୀତ ଗାଇଲା—"ଝିଁ...ଝିଁ...ଝିଁ......

ସୁନା ପିଲା ହୁଅ ସୁନା ପିଲା,
ପାଠ ପଢ଼ି ସିନା ମଣିଷ ହେବୁରେ
ବାପା-ମା' କଥା ଅମାନ୍ୟ ହୋଇ
 ଘରୁ ପଳାଏ ଯେ,
ସିଏ କି ହୋଇବ ଭଲ ପିଲା ?
ପିନୋକିଓ୍ୱ ମୋର କଥା ମାନ,
ଭଲ କଥାରେ ତୁ ରଖ ଧିଆନ
ପ୍ରଭୁଙ୍କଠାରେ ରଖରେ ମନ
ସୁଖଦୁଃଖଭରା ଆମ ଜୀବନ ।
ଦୁଃଖରେ ନକର ମନ ଊଣା
ଭଲ ଉପଦେଶ କର ଘେନା
ଆନନ୍ଦରେ କାଟିନିଅ ଦିନ ।"

ଝିଙ୍କାରିଟି ଗୀତ ଗାଇ ଗାଇ ଖୁସିମନରେ ତାର ସରୁ ସରୁ ଗୋଡ଼ ଦୁଇଟିକୁ ଗୁଞ୍ଚି ଗୁଞ୍ଚି ଝରକା ଉପରେ ଠିଆହୋଇ ନାଚୁଥାଏ ।

Digitized by srujanika@gmail.com

ଝିଙ୍କାରର ଉପଦେଶ ପିନୋକିୟୋକୁ ପିତା ଲଗିଲା ସିନା; କିନ୍ତୁ ତା' ନାଚଟା ତା' ମନକୁ ଖୁବ୍ ପସନ୍ଦ ଆଇଲା । ତାର ମଧ୍ୟ ଇଚ୍ଛା ହେଲା ସେପରି ନାଚିବା ପାଇଁ । କିନ୍ତୁ ସେ ଯେତେବେଳେ ଝିଙ୍କାରି ଭଳି ତାର କାଠ-ଗୋଡ଼ ଦୁଇଟିକୁ ଘୁଞ୍ଚି ନାଚିବାକୁ ଚେଷ୍ଟାକଲା, ଜମାରୁ ନାଚି ପାରିଲା ନାହିଁ; ବରଂ କଚଡ଼ାଏ ଖାଇ ତଳେ ଚିତ୍‌ପଟାଙ୍ଗ ହୋଇ ପଡ଼ିଗଲା । ଏଥିରେ ପିନୋକିୟୋକୁ ଭାରି ଲାଜ ଲାଗିଲା । ସେ ତାର ସବୁ ରାଗ ଝିଙ୍କାରି ଉପରେ ସୁଝିଦେଇ ଟିକିଏ ଖିଙ୍କାରି ହୋଇ କହିଲା, "ମୁଁ ଅନ୍ୟ ପିଲାଙ୍କ ଭଳି ସବୁଦିନ ସ୍କୁଲ୍‌କୁ ଯାଇପାରିବିନି ।"

"ଭଲ କଥା—ପାଠ ନ ପଢ଼ିଲେ ତୁ ଗଧ ହେବୁ—ମୋର କ'ଣ ଯାଉଛି ?" —ଝିଙ୍କାରିଟି ମଧ୍ୟ ରାଗିଯାଇ ଉତ୍ତର ଦେଲା ।

ପିନୋକିୟୋ ଏଥିରେ ରାଗିଯାଇ ଗୋଟିଏ ହାତୁଡ଼ି ଆଣି ଝିଙ୍କାରି ଉପରକୁ ଠିକ୍ ଫିଙ୍ଗିବାକୁ ଗଲାବେଳକୁ ଝିଙ୍କାରିଟି ଚଟ୍‌କରି ଝରକା ଦେଇ ବାହାରକୁ ଚାଲିଗଲା ।

ସଞ୍ଜ ଯାଇ ରାତି ହେଲା । ଏତେବେଳକୁ ପିନୋକିୟୋ ଭୋକରେ ଆଉଟୁପାଉଟୁ ହେଉଥାଏ । ଘରର ଅନ୍ଧକନ୍ଦ ସବୁ ଖୋଜି-ଗଲା; କିନ୍ତୁ ଖାଇବାକୁ କେଉଁଠି କିଛି ପାଇଲାନାହିଁ । ଏଣେ ଭୋକ ବଢ଼ି ଚାଲିଥାଏ । ଶୁଖିଲା ରୁଟିଖଣ୍ଡେ ପାଇଥିଲେ ମଧ୍ୟ ସେ ଆନନ୍ଦରେ ତାହା ଖାଇ, ଟିକିଏ ପାଣି ପିଇ ଦାରୁଣ ଭୋକରୁ ରକ୍ଷାପାଇଥାନ୍ତା । କିନ୍ତୁ ତାର ଦୁର୍ଭାଗ୍ୟକୁ ସେ କେଉଁଠି କିଛି ପାଇଲା ନାହିଁ । ଶେଷରେ ସେ ଆଉ ଭୋକ ସମ୍ଭାଳି ନପାରି କାନ୍ଦିପକାଇଲା । ଧାର ଧାର ଲୁହ ତା'ର କାଠୁଆ ଗାଲ ଉପରେ ବୋହିଗଲା ।

କାନ୍ଦି କାନ୍ଦି ପିନୋକିୟୋ କହୁଥାଏ, "ମୁଁ ଘରୁ ପଳାଇ ଆସି କି ଭୁଲ୍ ନ କଲି ? ଯଦି ଭଲପିଲା ହୋଇ ଘରେ ରହିଥାନ୍ତି, ତେବେ

Digitized by srujanika@gmail.com

ମୋ ବାପା ମତେ ନିଶ୍ଚୟ କିଛି ଖାଇବାକୁ ଦେଇଥାନ୍ତେ । ମୁଁ କ'ଣ ସହିବା କି କଷ୍ଟକର ?"

ଏହି ସମୟରେ ହଠାତ୍ ତା' ଦୃଷ୍ଟି ଗୋଟେ ଅଳିଆଗଦା ଉପରେ ପଡ଼ିଲା । ଦେଖିଲା, ସେଇ ଗଦାଟି ଭିତରେ ଧଳାରଙ୍ଗର ଗୋଲ୍‌ଗାଲ୍ ଜିନିଷଟିଏ କଣ ପଡ଼ିଛି । ପିନୋକେ୍ୟୋ ମନରେ ଟିକିଏ ଆଶା ଦେଖାଗଲା । ସେ ମନକୁ ମନ କହିଉଠିଲା, "ହେ ଭଗବାନ, ସେଇଟା ଅଣ୍ଡାଟିଏ ହୋଇଥାଉ ।"

ଏହା କହି ସେ ଅଳିଆଗଦାଟି ପାଖକୁ ଧାଇଁଗଲା । ଦେଖିଲା, ସତରେ ଅଣ୍ଡାଟିଏ ରହିଛି । ସେ ଆନନ୍ଦରେ ଅଣ୍ଡାଟିକୁ ଉଠାଇ ଆଣିଲା । ଖୁସିରେ କିଛି ସମୟ ଅଣ୍ଡାଟିକୁ ଏପାଖ ସେପାଖ କରି ଦେଖିଲା—ଆଉଁସି ଆଉଁସି ଭାବିଲା, 'ଅଣ୍ଡାଟିକୁ ଭାଜିକରି ଖାଇବି କି ସିଝାଇ କରି ଖାଇବି ? ନାଇଁ, ଖାଲି ସିଝାଇଦେବି—ଶୀଘ୍ର ହୋଇଯିବ, ଆଉ ଡେରି ସହି ହେଉ ନାହିଁ । ଭାଜିବା ପାଇଁ ବହୁତ ସମୟ ଲାଗିବ । କିଏ ଏତେ ସମୟ ଅପେକ୍ଷା କରିବ ?' ଅଣ୍ଡା ଖାଇବା କଥା ଭାବିଲା ବେଳକୁ ତା' ପାଟି ଲାଳେଇଯାଉଥାଏ ଓ ସେ ତା' ଓଠକୁ ବାରମ୍ବାର ଚାଟିପକାଉଥାଏ ।

ଅଣ୍ଡାଟିକୁ ସିଝାଇବାକୁ ଠିକ୍ କରି ପିନୋକେ୍ୟୋ ଗୋଟିଏ ଜାଗାରେ କିଛି ପାଣି ନେଇ ଚୁଲି ଉପରେ ବସାଇଲା । ପାଣି ଫୁଟିଯିବା ପରେ ପିନୋକେ୍ୟୋ ଅଣ୍ଡାଟିକୁ ଫଟାଇ ଗରମ ପାଣିରେ ପକାଇବାକୁ ଗଲାବେଳକୁ ଦେଖେ ତ ଗୋଟିଏ ଟିକି କୁକୁଡ଼ାଛୁଆ ତା' ଭିତରୁ ବାହାରି ଆସିଲା ଏବଂ ପିନୋକେ୍ୟୋ ଆଗରେ ଠିଆ ହୋଇ ନମସ୍କାର ସହିତ କହିଲା, "ପିନୋକେ୍ୟୋ ! ମତେ ଏ ଅଣ୍ଡା ଖୋଳ ଭିତରୁ ବାହାରିବାରେ ସାହାଯ୍ୟ କରିଥିବାରୁ ତୁମକୁ ବହୁତ

Digitized by srujanika@gmail.com

ବହୁତ ଧନ୍ୟବାଦ । ମୁଁ କେତେ କଷ୍ଟ ସହ୍ୟ ଖଣ୍ଡରେ ଖୁମ୍ପି ଖୁମ୍ପି ଅଣ୍ଡାଟି ଫୁଟାଇ ବାହାରିଥାନ୍ତି । ହଉ, ମୁଁ ଏଥର ଯାଉଛି ।" ଏହା କହି କୁକୁଡ଼ାଛୁଆଟି ଝରକା ବାଟଦେଇ ଉଡ଼ି ବାହାରକୁ ଚାଲିଗଲା ।

ଏହା ଦେଖି କାଠ-କଣ୍ଢେଇ ପିନୋକଓ୍ୱୋ ରାଗିଲା ସିନା, ହେଲେ କ'ଣ କରିବ କିଛି ବୁଝି ପାରୁ ନଥାଏ । କିଛି ଉପାୟ ନପାଇ ସେ କାନ୍ଦ କାନ୍ଦ ଗୋଡ଼ହାତ ଭଲେ ପିଟିବାକୁ ଲାଗିଲା । ତା'ର ଭୋକ ଆହୁରି ଅଧିକ ବଢ଼ିଯାଇଥାଏ । ସେ ଠିକ୍ କଲା ଯେ ଏଥର ଘର ଛାଡ଼ି ଗାଁ ଭିତରକୁ ଯିବ ଏବଂ ସେଠାରେ କାହାକୁ କିଛି ମାଗି ଖାଇବ । ସେତେବେଳକୁ ରାତି ଅନେକ ହୋଇଯାଇଥାଏ । ଚାରିଆଡ଼ ଅନ୍ଧାର । ସମସ୍ତେ ନିଜ ନିଜ ଘରେ ଶୋଇଯାଇଥାନ୍ତି । ପିନୋକିଓ ବଡ଼ବଡ଼ ଅନେକ ବୁଲି ବୁଲି ଶେଷରେ ଜଣକ ଦୁଆରେ ପହଞ୍ଚି ଘଣ୍ଟି ବଜାଇଲା । ଭାବିଲା, ନିଶ୍ଚୟ କେହି ନା କେହି ଆସି ଦୁଆର ଖୋଲିବ । ସତକୁ ସତ ଜଣେ ବୁଢ଼ା ଲୋକ ମୁଣ୍ଡରେ ଗୋଟିଏ ଗରମ ଟୋପି ପିନ୍ଧି ଝରକା ଫିଟାଇଲେ ଓ ସେବାଟେ ବାହାରକୁ ଚାହିଁ ବିରକ୍ତିମିଶା ସ୍ୱରରେ ପଚାରିଲେ, "ଏତେ ରାତିରେ କାହିଁକି ଡାକୁଛ ? କଣ ଦରକାର ?"

ପିନୋକଓ୍ୱୋ ନମ୍ରତାର ସହିତ କହିଲା, "ମତେ ଭୀଷଣ ଭୋକ ହେଉଛି । ଦୟାକରି ଯଦି ଖଣ୍ଡେ ରୁଟି ଦିଅନ୍ତେ, ତେବେ ଆପଣଙ୍କର ଅନେକ ଧର୍ମ ହୁଅନ୍ତା ।"

ବୁଢ଼ା ଭାବିଲା, ଦୁଷ୍ଟ ପିଲାଟାଏ ବୋଧହୁଏ ତାକୁ ରାତିରେ ହଇରାଣ କରିବା ପାଇଁ ଏଭଳି ବାହାନା କରୁଛି । ତେଣୁ ସେ କହିଲା,

"ହଉ ରହ, ମୁଁ ସାଙ୍ଗେ ସାଙ୍ଗେ କିଛି ଆଣୁଛି ।" ଏହା କହି ସେ ଘର ଭିତରକୁ ଚାଲିଗଲା ଏବଂ କିଛି ସମୟ ପରେ ଆସି ପୁଣି ଝରକା ଖୋଲି କହିଲା, "ଏ ଝରକା ତଳକୁ ଆସି ତୋ ଟୋପିଟା ଦେଖା ।"

ପିନୋକିଓ ଝରକା ତଳକୁ ଆସି ବଡ଼ ଆଶାରେ ତାର ଟୋପିଟିକୁ ଦେଖାଇଲା । କିନ୍ତୁ ନଈସ୍ଥ ବୁଢ଼ାଟି ରୁଟି ବଦଳରେ ତା'ଉପରେ ଥଣ୍ଡା ପାଣି ବାଲ୍‌ଟିଏ ଢାଳିଦେଲା । ପିନୋକିଓ ସେ ଶୀତ ରାତିରେ ଗୋଡ଼ରୁ ମୁଣ୍ଡ ପର୍ଯ୍ୟନ୍ତ ପାଣିରେ ଜୁଡ଼ୁବୁଡ଼ୁ ହୋଇଗଲା ।

କାଠ-କଣ୍ଢେଇ ପିନୋକିଓ କ୍ଳାନ୍ତ ହୋଇ ଘରକୁ ଫେରିଲା ଏବଂ ନିଆଁ ପାଖକୁ ଯାଇ ସେକ ହେଲା । ସେକ ହେଉ ହେଉ କେତେବେଳେ ସେଠାରେ ଶୋଇଯାଇଛି ତାର ଖିଆଲ ନାହିଁ । କିନ୍ତୁ ବିଚରା ନିଜର ଅଜାଣତରେ ଗୋଡ଼ଟି ନିଆଁ ପାଖକୁ ରଖି ଶୋଇଯାଇଥିଲା ।

ସକାଳେ ଗେପେଟୋ ଘରକୁ ଫେରିଲା । ସାଙ୍ଗରେ ଅନେକ ଫଳମୂଳ ଓ ପାଉଁରୁଟି ଇତ୍ୟାଦି ଧରି ସେ ଆସିଥାଏ । ଘର ଭିତରକୁ ଯାଇ ଦେଖିଲା ତା' କଣ୍ଢେଇ ପିନୋକିଓ ଘରକୁ ନିରାପଦରେ ଫେରିଆସିଛି । ବୁଢ଼ା ଏହା ଦେଖି ବହୁତ ଖୁସି ହେଲା ! କିନ୍ତୁ ଦେଖେ ତ ପିନୋକିଓର ଗୋଡ଼ଦିଟା ନିଆଁରେ ପୋଡ଼ିଯାଇଛି । ପିନୋକିଓ ମଧ୍ୟ ଉଠି ଦେଖିଲା ତା' ଗୋଡ଼ ଦୁଇଟି ଜଳିଯାଇଛି । ସେ ପାଟି କରି କାନ୍ଦିଉଠିଲା ।

ଗେପେଟୋ ଘରକୁ ଫେରିବା ଶବ୍ଦ ଶୁଣି ପିନୋକିଓ ତା' ଆଡ଼କୁ ଦୌଡ଼ିବାକୁ ଚେଷ୍ଟା କଲା । କିନ୍ତୁ ବିଚରା ଦୁଇ-ତିନି ଥର

Digitized by srujanika@gmail.com

ଚେଷ୍ଟାକର ତଳେ ପଡ଼ିଗଲା । କ ଣ୍ଢଇଟିର ଗୋଡ଼ ଦୁଇଟା ପୋଡ଼ି-ଯାଇଥିବା ଦେଖି ଗେପେଟୋର ମନ ଦୁଃଖ ହେଲା । ସେ ସଙ୍ଗେ ସଙ୍ଗେ ଦୌଡ଼ିଯାଇ ପିନୋକସ୍ପୋକୁ ତଳୁ ଉଠାଇ ନେଇ ଟିକଏ ଟେକି କଲା । ପିନୋକସ୍ପୋ କାନ୍ଦି କାନ୍ଦି ତା' ଗୋଡ଼ ପୋଡ଼ିଯିବା କଥା କହିଲା । ଗେପେଟୋ ତାକୁ ଆଶ୍ୱାସନା ଦେଇ କହିଲା, "କାନ୍ଦନା, ମୁଁ ତୋ' ପାଇଁ ପୁଣି ଦୁଇଟି ନୂଆ ଗୋଡ଼ ତିଆରି କରିଦେବ । କିନ୍ତୁ ତୋ ଗୋଡ଼ ଦୁଇଟି ଠିକ୍ ହୋଇଗଲେ, ତୁ ପୁଣି ଆଗଭଳି ଦୌଡ଼ି ଚାଲିଯିବୁନି ତ ?"

"ନା, ବାପା, ଏଥର ମୁଁ ଭଲ ପିଲା ହେବ । ଆଜି ସ୍କୁଲକୁ ଯିବି । କିନ୍ତୁ ତୁମେ ମୋ ପାଇଁ ଶୀଘ୍ର ଦୁଇଟି ନୂଆ ଗୋଡ଼ ତିଆରି କରିଦିଅ ।"

"ସ୍କୁଲକୁ ଯିବୁ ତ ?" ବୁଢ଼ା ଗେପେଟୋ ଟିକଏ ହସି ପଚାରିଲା ।

ପିନୋକସ୍ପୋ ସ୍କୁଲକୁ ଯିବ ବୋଲି କଥା ଦେଲା । ଗେପେଟୋ ତା' ହତିଆର ବାକ୍ସ ଆଣିଲା ଏବଂ ଦୁଇଖଣ୍ଡ ଭଲ କାଠ ନେଇ କାମ ଆରମ୍ଭ କରିଦେଲା । ଘଣ୍ଟାକ ଭିତରେ ସେ ପିନୋକସ୍ପୋ ପାଇଁ ସୁନ୍ଦର ନୂଆ ନୂଆ ଗୋଡ଼ ଦୁଇଟି ତିଆରି କରିଦେଇ କହିଲା, "ଏବେ ତୁ ଆଖି ବନ୍ଦ କରି ଶୋଇପଡ଼ ।"

ପିନୋକସ୍ପୋ ଆଖି ବନ୍ଦ କରି ଶୋଇଯିବାର ଅଭିନୟ କଲା । ଗେପେଟୋ ଗୋଟିଏ ଅଣ୍ଡା ଖୋଳରେ କିଛି ଶିରିଷ ଅଠା ଗରମ କଲା ଏବଂ ସେଇ ଅଠାରେ ନୂଆ ଗୋଡ଼ ଦୁଇଟି ପିନୋକସ୍ପୋର ଆଣ୍ଠୁରେ ଯୋଡ଼ିଦେଲା । କିଛି ସମୟ ପରେ ପିନୋକସ୍ପୋ ଉଠି ଦେଖିଲା ତାର ପୋଡ଼ା ଗୋଡ଼ ଦୁଇଟି ବଦଳରେ ଦୁଇଟି ନୂଆ ଗୋଡ଼ ତା'

Digitized by srujanika@gmail.com

ଆଣ୍ଠୁରେ ଯୋଡ଼ିହୋଇଯାଇଛୁ । ଖୁସିରେ ସେ କାଠୁ ସମସ୍ତ ନାଚ-ଜଠିଲ ଓ ଚଉକି ଉପରକୁ ହୋଇ ଡେଇଁଗଲା । କହିଲା, "ବାପା, ତୁମେ କେତେ ଭଲ ! ମୋ ପାଇଁ ପୁଣି ଆଗଭଳି ମଜବୁତ ଗୋଡ଼ ଦୁଇଟି ସାଙ୍ଗେ ସାଙ୍ଗେ ତିଆରି କରିଦେଲ । ତୁମକୁ ବହୁତ ବହୁତ ଧନ୍ୟବାଦ । ତୁମକୁ ଖୁସି କରିବା ପାଇଁ ମୁଁ ଏଇ ମୁହୂର୍ତ୍ତରୁ ସ୍କୁଲକୁ ଯିବା ଆରମ୍ଭ କରିଦେବି ।" କିନ୍ତୁ ହଠାତ୍ ତା' ମୁଣ୍ଡକୁ ଗୋଟିଏ ଦୁଷ୍ଟାମି ଯୁଟିଗଲା । କହିଲା, "କିନ୍ତୁ ବାପା, ମୁଁ ସ୍କୁଲକୁ କଣ ପିନ୍ଧି ଯିବି ?"

"ହଁ, ତୁ ଠିକ୍ କହୁଛୁ । ମୁଁ ସେ କଥା ଏପର୍ଯ୍ୟନ୍ତ ଭାବି ନଥିଲି ।"

"ତୁମେ ମୋ ପାଇଁ ଗୋଟିଏ ଭଲ ନାଲି କୋଟ୍ ତିଆରି କରିଦେବ କି ? ସେଥିରେ ଧଳାର ବଡ଼ ବଡ଼ ବୋତାମ ଲାଗିଥିବା ଦରକାର ।"

"ମୁଁ ତୋ ପାଇଁ ସବୁ କରିଦେବି; କିନ୍ତୁ ତତେ ଭଲ ପିଲା ହୋଇ ସ୍କୁଲକୁ ଯିବାକୁ ହେବ ।" ବୁଢ଼ା ଗେପେଟୋ କହିଲା ।

ପିନୋକସ୍ୱୋ ସବୁଦିନ ନିୟମିତ ଭାବେ ସ୍କୁଲ୍ ଯିବ ବୋଲି ପ୍ରତିଜ୍ଞା କରିବାରୁ ଗେପେଟୋ ତା' ପାଇଁ ଖଣ୍ଡିଏ ସୁନ୍ଦର ନାଲି ମଖମଲ କନା କିଣିଆଣି କୋଟ୍‌ଟିଏ ତିଆରି କରିଦେଲା ଓ ସେଥିରେ ବଡ଼ ବଡ଼ ଧଳା ବୋତାମ ମଧ୍ୟ ଲଗାଇଦେଲା । ପିନୋକସ୍ୱୋ ନୂଆ କୋଟ୍‌ଟି ପିନ୍ଧି ଭାରି ଖୁସି । କୋଟ୍‌ଟି ତାକୁ କେମିତି ମାନୁଛି ଦେଖିବା ପାଇଁ ସେ ସାଙ୍ଗେ ସାଙ୍ଗେ ଗାଧୁଆଘରକୁ ଧାଇଁଗଲା । ସେଠି ବାଲ୍‌ଟିଏ ପାଣିରେ ମୁହଁ ଦେଖିଲା । ପାଣିରେ ତା' ସୁନ୍ଦର ଛାଇଟି ଦେଖି ମନ ତାର ଖୁସି । ଗେପେଟୋ

Digitized by srujanika@gmail.com

ପିନୋକିଓର ଖୁସି ଦେଖି କହିଲା, "ସବୁବେଳେ ମନେରଖିଥା ଯେ ଖାଲି ଦାମିକା ପୋଷାକ ପିନ୍ଧି କେହି କେବେ ଭଲ ମଣିଷ ହୋଇ-ଯାଇନ । ତଥାପି ମଣିଷ ସବୁବେଳେ ସଫା ପୋଷାକ ପିନ୍ଧିବା ଉଚିତ ।"

ପିନୋକିଓର ପୁଣି ଆଉ ଗୋଟିଏ କଥା ମନେପଡ଼ିଗଲା । ସେ କହିଲା, "କିନ୍ତୁ ବାପା, ମୁଁ ସ୍କୁଲକୁ କେମିତି ଯିବି ? ମୋ ପାଖରେ ଅସଲ ଜିନିଷଟି ତ ନାହିଁ ।"

"ସେଟା ପୁଣି କି ଜିନିଷ ରେ ?"

"ବହି···" । —ପିନୋକିଓ କହିଲା ।

ପିନୋକିଓ ପୁଣି ଜିଦ୍ କରି କହିଲା, "ବାପା, ତୁମେ ଏବେ ବଜାରକୁ ଯାଇ ବହିଦୋକାନରୁ ମୋ ପାଇଁ ବହି ଆଣିଦଅ । ନ ହେଲେ ମୁଁ ସ୍କୁଲ୍ ଯିବିନି ।"

ଗେପେଟ୍ଟୋ ବୁଢ଼ା ତା' ପକେଟ ଅଣ୍ଡାଳିଲା । କିନ୍ତୁ ପଇସାସବୁ ପିନୋକିଓର କୋଟ୍-କନା ଓ ବୋତାମ ପାଇଁ ଖର୍ଚ୍ଚ ହୋଇଯାଇଥିଲା । କୋଟ୍‌ଟି ପିନ୍ଧି ପିନୋକିଓ ସୁନ୍ଦର ଦେଖାଯାଉଥିବାରୁ ତା' ମନ ମଧ୍ୟ ଖୁସି ହୋଇଯାଇଥିଲା । କିନ୍ତୁ ବର୍ତ୍ତମାନ ବହି କିଣିବା ପାଇଁ କେଉଁଠୁ ପଇସା ଆଣିବ ? ହଠାତ୍ ତାକୁ ଗୋଟିଏ ବୁଦ୍ଧି ଦୁଟିଲା । ସେ ସଙ୍ଗେ ସଙ୍ଗେ ଘରୁ ବାହାରି ଚାଲିଗଲା । କିଛି ସମୟ ପରେ ଯେତେବେଳେ ଘରକୁ ଫେରିଲା ସେତେବେଳେ ବାହାରେ ବରଫ ପଡ଼ିବା ଆରମ୍ଭ ହୋଇ-ଯାଇଥାଏ ଏବଂ ତା' ଦେହରେ କୋଟ୍‌ଟି ନଥାଏ । ସେ ନିଜ କୋଟ୍‌ଟି ବିକି ପିନୋକିଓ ପାଇଁ ନୂଆ ବହି ଆଣିଥିଲା ।

Digitized by srujanika@gmail.com

ଗେପେଟୋ ପିନୋକସ୍ୟୋକୁ ଅନାଇଁ ଟିକଏ ହସି କହିଲା, "ମୋର ସେ କୋଟ୍‌ଟା ପିନ୍ଧିଲେ ମତେ ବହୁତ ଗରମ ଲାଗୁଥିଲା।" ଏହା କହୁ କହୁ ତା' ଦେହ ଶୀତରେ ଥରସାଉଥାଏ । "ହେଇ ନେ, ତୋ ବହି, ମନଦେଇ ପଢ଼ିବୁ। ସ୍କୁଲରେ ଦୁଷ୍ଟ ପିଲାମାନଙ୍କ ସାଙ୍ଗରେ ସାଙ୍ଗ ହେବୁନି । ଶିକ୍ଷକ ଯାହା ପଢ଼େଇବେ ମନଦେଇ ଶୁଣିବୁ ।"

ପିନୋକସ୍ୟୋ ଦୌଡ଼ିଯାଇ ଗେପେଟୋକୁ ସ୍ନେହରେ କୁଣ୍ଢେଇ-ପକାଇଲା ଏବଂ ଟିକଏ ଲାଜେଇ କହିଲା, "ଅଚ୍ଛା ବାପା, ମୁଁ ଏଥର ସ୍କୁଲକୁ ଯାଏ ।" ଏହା କହି କାଖତଳେ ବହି ଜାକି ଚାଲିଲା । ମନେ ମନେ ଦୃଢ଼ପ୍ରତିଜ୍ଞା କରିଥାଏ ଯେ ସେ ନିଶ୍ଚୟ ଭଲପିଲା ହେବ।

ପିନୋକସ୍ୟୋ ସ୍କୁଲକୁ ଗଲାବେଳେ ହଠାତ୍ ବାଟରେ ଛକ ପାଖରେ ବାଜା ବାଜିବା ଶବ୍ଦ ଶୁଣିପାରିଲା । ମନେ ମନେ ଭାବିଲା —ସେଠି କଣ ହେଉଛି ଯେ ଏତେ ଜୋରରେ ବାଜା ବଜାଉଛନ୍ତି । ଯାଉଛି ଟିକଏ ଦୌଡ଼ିଯାଇ ସେଠି କଣ ହେଉଛି ଗୋଟିଏ ମିନିଟ୍‌ରେ ଦେଖି ପଳାଇ ଆସିବି । ଯାଇ ଦେଖିଲା, ଛକଉପରେ ଗୋଟିଏ ବଡ଼ ତମ୍ବୁ ବନ୍ଧାହୋଇଛି । ତମ୍ବୁର ସାମନା ଦୁଆରରେ ଗୋଟିଏ ବଡ଼ ଛକ-ଚିହ୍ନ ପଡ଼ିଛି । ତମ୍ବୁ ଭିତରୁ ଲୋକଙ୍କର ହସ ଶବ୍ଦ ଶୁଣାଯାଉଛି। ପିନୋକସ୍ୟୋ ଅକ୍ଷର ପଢ଼ିବା ତ ଶିଖିନଥାଏ; ତେଣୁ କଣ ଲେଖା ହୋଇଛି ବୁଝିବା ପାଇଁ ତାକୁ କଷ୍ଟ ହେଲା । ପାଖରେ ଠିଆ ହୋଇଥିବା ଗୋଟିଏ ପିଲାକୁ ସେ ଛକ-ଚିହ୍ନର ଅର୍ଥ ପଚାରିଲା। ପିଲାଟି କହିଲା, "ଭିତରେ କଣ୍ଢେଇ ନାଚ ହେଉଛି। ଟିକଟ୍ କିଣି ଭିତରକୁ ଯିବା ପାଇଁ ତୋ ପାଖରେ ପଇସା ଅଛି ତ ?"

ପିନୋକସ୍ୟୋ ପାଖରେ ପଇସା ବା' କେଉଁଠୁ ଆସିବ । ସେତିକବେଳେ ଗୋଟିଏ ଫେରିବାଲା ସେଠାରେ ଆସି ପହଞ୍ଚିଲା ।

Digitized by srujanika@gmail.com

ସେ ପିନୋକସ୍ୱୋକୁ କହିଲା, "ତୁ ତୋ ବହିଟି ମତେ ବିକି କରି-ଦେଉନୁ କାହିଁକି ? ମୁଁ ତା' ବଦଳରେ ଚରେ ପଇସା ଦେଉନ୍ତି ଓ ତୁ ଟିକଟ୍ କିଣି ଭିତରକୁ ଯାଇ ନାଚ ଦେଖିଆସନ୍ତୁ ।"

ପିନୋକସ୍ୱୋ ସେଠାରେ ଠିଆହୋଇ ତମ୍ବୁ ଭିତରେ ହେଉଥିବା କଣ୍ଢେଇନାଚର ଶବ୍ଦ ଶୁଣିପାରୁଥିଲା । ତା'ର ଇଚ୍ଛା ହେଉଥିଲା ଯେ ସେ ମଧ୍ୟ ଯାଇ ସେ କଣ୍ଢେଇମାନଙ୍କ ସାଙ୍ଗରେ ମିଶି ସେଠି ନାଚନ୍ତା । ଶେଷରେ ସେ ଆଉ ସମ୍ଭାଳି ପାରିଲା ନାହିଁ । ବହିଟି ଫେରିବାଲାକୁ ବିକି କରିଦେଇ, ସେ ପଇସାରେ ଗୋଟିଏ ଟିକଟ କିଣିଆଣିଲା । ଖୁସିରେ ତମ୍ବୁ ଭିତରକୁ ଦୌଡ଼ିଯାଇ ସିଧା ମଞ୍ଚ ଉପରକୁ ଚଢ଼ିଗଲା । ଦେଖିଲା ତା' ଭଳି ଅନେକ କଣ୍ଢେଇ ସେଠାରେ ନାଚୁଛନ୍ତି । ପିନୋକସ୍ୱୋକୁ ସେ ନାଚ ଖୁବ୍ ଭଲଲାଗିଲା ।

ସେ କଣ୍ଢେଇମାନଙ୍କୁ ନଚାଇବାକୁ ଗୋଟିଏ ନାଚବାଲା ଥାଏ । ତା' ନାଁ ହେଉଛି ଜିଆଁଗିଲା । ନାଚ ସରିବାପରେ ଜିଆଁଗିଲା ରୋଷେଇଘର ଭିତରକୁ ଗଲା । ସେଠାରେ ତା'ର ଖାଇବା ପାଇଁ ଗୋଟିଏ ଛେଳି ନିଆଁରେ ପୋଡ଼ାହେଉଥାଏ । ସେ ରୋଷେଇଘରେ ପଶି ଦେଖିଲା ଛେଳିଟି ପୂରା ଭଲଭାବେ ପୋଡ଼ିବାପାଇଁ ଆଉ କିଛି ଜାଳେଣି କାଠ ଦରକାର । ମାତ୍ର ରୋଷେଇଘରେ ଥିବା ସବୁ ଜାଳେଣି କାଠ ସରିଯାଇଥାଏ । ତେଣୁ ଜିଆଁଗିଲା ରୋଷେଇଆକୁ ଡାକି କହିଲା—"ଯା, ସେ ନୂଆ କାଠକଣ୍ଢେଇଟାକୁ ଏଠାକୁ ନେଇ-ଆସିବୁ । ଭଲ ଶୁଖିଲା କାଠରେ ସେଇଟି ତିଆରି ହୋଇଥିଲା ଭଳି ମନେହେଉଛି । ନିଆଁରେ ପକାଇଦେଲେ ଭଲ ଜଳିବ ଏବଂ ଛେଳିଟି ପୂରା ସିଝିଯିବ ।"

ନାଚ ସରିବାପରେ ମଧ୍ୟ ପିନୋକସ୍ୱୋ କଣ୍ଢେଇମାନଙ୍କ ସାଙ୍ଗରେ ବସିଥାଏ । ରୋଷେଇଆ ଯାଇ ପିନୋକସ୍ୱୋକୁ ସାଙ୍ଗେ

Digitized by srujanika@gmail.com

ସାଙ୍ଗେ ଉଠାଇଆଣିଲା । ମାଛକୁ ପାଣିରୁ ବାହାର କରିଦେଲେ ସେ ଯେପରି ଅଣନିଶ୍ୱାସୀ ହୋଇ ଛଟପଟ ହୁଏ, ପିନୋକିୟୋ ଗେପେଟୋର କାଖତଳେ ଗୁଡ଼ି ହୋଇ ସେପରି ଛଟପଟ ହେଉଥାଏ । ଡରିଯାଇ ବିକଳ ହୋଇ ଚିତ୍କାର କରିବାକୁ ଲାଗିଲା । ନିଆଁଗିଳା ପାଖରେ ପହଞ୍ଚି ତାକୁ ଅନୁରୋଧ କରି କହିଲା, "ହେ ନିଆଁଗିଳା ! ମୋ ପ୍ରତି ଦୟା କରନ୍ତୁ । ମତେ ନିଆଁକୁ ଫିଙ୍ଗନ୍ତୁ ନାହିଁ ।"

ପିନୋକିୟୋର କାନ୍ଦ ଦେଖି ନିଆଁଗିଳାର ହୃଦୟରେ ଦୟାଭାବ ଆସିଲା । ଏପରିକି ପିନୋକିୟୋର ବିକଳ କାନ୍ଦଣା ସହିନପାରି ସେ ବି କାନ୍ଦିଉଠିଲା । ଦୁହେଁ ମିଶି ବଡ଼ପାଟିରେ କାନ୍ଦୁଥାନ୍ତି । ଏଣେ ସେ ଦୁହିଁଙ୍କର ଲୁହ ତଳେ ଜମି ଜମି ଗୋଟିଏ ଛୋଟିଆ ଗାଡ଼ିଆ ତିଆରି ହୋଇସାରିଥାଏ । ପିନୋକିୟୋ ଦେଖିଲା, ଯାହାକୁ ଡରି ସେ କାନ୍ଦୁଥିଲା, ସେଇ ନାଚବାଲା ନିଆଁଗିଳା ତା' ସାଙ୍ଗରେ ମିଶି ସେତିକି ଜୋର୍‌ରେ କାନ୍ଦୁଛି । ସେ ଭାବିଲା, ନିଆଁଗିଳାକୁ ଆଜି ଠିକିଏ କନ୍ଦେଇବ । ଏଥର ନିଆଁଗିଳାକୁ ତା' ବାପା ଗେପେଟୋ ବିଷୟରେ ବର୍ଣ୍ଣନା କରି କହିଲା ଏବଂ ସେ କିପରି ଏ ଶୀତରେ ତାର ଏକମାତ୍ର ଗରମ କୋଟ୍‌ଟି ବିକି ତା' ପାଇଁ ବହି କିଣିଦେଇଥିଲା, ସେକଥା ମଧ୍ୟ କହିଲା ।

ଗେପେଟୋର ନାଁ ଶୁଣି ନିଆଁଗିଳାର ମନ ଦୟାରେ ଆଗ ଅପେକ୍ଷା ଅଧିକ ତରଳିଗଲା । ସେ ପୂର୍ବ ଅପେକ୍ଷା ଆହୁରି ଉଚ୍ଚ ସ୍ୱରରେ କାନ୍ଦି କାନ୍ଦି କହିଲା, "ମୁଁ ଯଦି ତତେ ନିଆଁରେ ପକାଇ ଜଳାଇଦେଇଥାନ୍ତି, ତେବେ ଗେପେଟୋ କ'ଣ କହିଥାନ୍ତା ମତେ ? ବିଚାରି ସେ ବୁଢ଼ା ଲୋକଟିକୁ ମୁଁ କି କଷ୍ଟ ଦେଇନଥାନ୍ତି ? ତା' କଥା ଭାବି ମତେ ଭାରି ଦୁଃଖ ଲାଗୁଛି ।" ଏହା କହି ନିଆଁଗିଳା ତା' ଆଖିରୁ ଲୁହ ପୋଛିଲା ।

Digitized by srujanika@gmail.com

"ଭଗବାନ୍ ତୁମର ବହୁତ ମଙ୍ଗଳ କରନ୍ତୁ !"—ସେ ବିପଦରୁ ରକ୍ଷା ପାଇଥିବା ଦେଖି ପିନୋକସ୍ୱୋ ଖୁସିରେ କହିଲା ।

"ଧନ୍ୟବାଦ ପିନୋକସ୍ୱୋ !"—ଜଅାଁଗିଳା ଟିକଏ ହସି କହିଲା ।

ଜଅାଁଗିଳା ଏତେ ଜୋର୍‌ରେ କାନ୍ଦିଥିଲା ଯେ ଅନେକ ସମୟ ପର୍ଯ୍ୟନ୍ତ ସେ ରୁମାଲ୍ ଧରି ତା' ନାକ ଓ ଆଖିରୁ ବୋହିଆସୁଥିବା ପାଣିକୁ ପୋଛୁଥାଏ । ତା'ପରେ ସେ ପକେଟ୍‌ରୁ ପାଞ୍ଚଟି ସୁନା ମୋହର ବାହାରକରି ପିନୋକସ୍ୱୋ ହାତରେ ଦେଇ କହିଲା, "ତୁ ଏ ମୋହରତକ ନେଇ ତୋ ବାପାଙ୍କ ପାଇଁ ଗୋଟିଏ ନୂଆ ଗରମ କୋଟ୍ ଏବଂ ତୋ ପାଇଁ ପୁଣି ଗୋଟିଏ ବହି କିଣିପକା ।" ଏହା କହି ପୁଣି ସେ ତା' ରୁମାଲରେ ନାକରୁ ବୋହିଆସୁଥିବା ପାଣିକୁ ପୋଛି-ପକାଇଲା । ସେ ପିନୋକସ୍ୱୋକୁ ସ୍ନେହରେ ପାଖକୁ ଡାକି କହିଲା, "ତୁ ଗୋଟିଏ ସାହସୀ ବାଳକ । ତୋ ସାହସ ଦେଖି ମତେ ବେଶ୍ ଖୁସି ଲାଗିଲା । ଆ' ମତେ ଟିକଏ ଗେଲ କରିଦେଇ ଯା ।"

ପିନୋକସ୍ୱୋ ସାଙ୍ଗେ ସାଙ୍ଗେ ଦୌଡ଼ିଯାଇ ଜଅାଁଗିଳାକୁ କୁଣ୍ଢେଇ ଧରି ତା' ନାକ ଉପରେ ଗୋଟିଏ ଚୁମା ଦେଲା ଏବଂ ଖୁସିରେ ବାହୁଳ ହୋଇ କହିଲା, "ତୁମେ ଦୟାକରି ମତେ ଏ ସୁନା ମୋହର ଦେଇଥିବାରୁ ମୁଁ ତୁମକୁ ହୃଦୟର ସହିତ ଅନେକ ଅନେକ ଧନ୍ୟବାଦ ଜଣାଉଛି ହେ ଜଅାଁଗିଳା !" ତା'ପରେ ପିନୋକସ୍ୱୋ ସବୁ କାଠ-କଣ୍ଢେଇମାନଙ୍କଠାରୁ ବିଦାୟ ନେଇ ଫେରିଲା ।

ପିନୋକସ୍ୱୋ ସେଠାରୁ ସିଧା ଘରଆଡ଼କୁ ଚାଲିଲା । ତା'ର ପକେଟ୍‌ରେ ଥିବା ପାଞ୍ଚଟି ସୁନାମୋହର ଚାଲିଲାବେଳେ ଝଣ୍‌ଝଣ୍ ହେଉଥାଏ । ପିନୋକସ୍ୱୋ ବାଟରେ ଗୋଟିଏ ଶୃଗାଳ ଗଧିଆ ଏବଂ

Digitized by srujanika@gmail.com

ଅନ୍ଧ ବିରାଡ଼ିଟିକୁ ଭେଟିଲା । ଦୁହେଁ ମିଛରେ ଅନ୍ଧ ଓ ଛୋଟା ହେବାର ଛଳନା କରି ରାସ୍ତାକଡ଼ରେ ବସିଥାନ୍ତି ଓ ସେବାଟେ ଯାଉଥିବା ଲୋକଙ୍କୁ ଭିକ ମାଗୁଥାନ୍ତି । ସେ ଦୁହେଁ ମିଶି ସହରରେ ଅନେକ ଦୁଷ୍ଟାମି କରନ୍ତି ଏବଂ କୌଶଳ କରି ଲୋକଙ୍କୁ ହଇରାଣ କରନ୍ତି ।

ଗୋଟିଏ କାଠ-କଣ୍ଢେଇ ରାସ୍ତାରେ ଖୁସିରେ ଚାଲୁଥିବା ଦେଖି ଗଧିଆ ଟିକିଏ ଚମକି ପଡ଼ିଲା ଏବଂ ଆଶ୍ଚର୍ଯ୍ୟ ହୋଇ ଭାବିଲା—କି ଆଶ୍ଚର୍ଯ୍ୟ କଥା ଆଜି ମୁଁ ଦେଖୁଛି ! ଗୋଟିଏ କାଠ-କଣ୍ଢେଇ ପୁଣି ଚାଲିପାରେ ଏବଂ ସାଧାରଣ ଲୋକଙ୍କ ଭଳି ନିଃଶ୍ୱାସ ପ୍ରଶ୍ୱାସ ନେଇପାରେ ? ଅସମ୍ଭବ କଥା ସମ୍ଭବ ହୋଇପାରୁଛି । ଏହା ଭାବି ସେ ପିନୋକିଓକୁ ଡାକି କହିଲା, "ନମସ୍କାର ପିନୋକିଓ ଭାଇ !"

"ନମସ୍କାର ଗଧିଆ ଭାଇ ! କିନ୍ତୁ ତୁମେ ମୋ ନାଁ କେମିତି ଜାଣିଲ ?"—ପିନୋକିଓ ଆଶ୍ଚର୍ଯ୍ୟ ହୋଇ ପଚାରିଲା ।

"କାରଣ, ତୁମ ବାପା ଜେପେଟୋ ଏ ସହର ସାରା ତୁମକୁ ଖୋଜିସାରିଲେଣି । ସେ ସମସ୍ତଙ୍କୁ ତୁମ କଥା ପଚାରି ବୁଲୁଛନ୍ତି । ବିଚରା ବୁଢା ଲୋକ; ଏ ଶୀତରେ ଗରମ-ପୋଷାକ ଖଣ୍ଡେ ନ ପିନ୍ଧି ଥରି ଥରି ତୁମକୁ ଖୋଜି ବୁଲୁଛନ୍ତି ।"—ଗଧିଆ ଉତ୍ତର ଦେଲା ।

"ଏବେ ମୋ ପାଖରେ ଯଥେଷ୍ଟ ପଇସା ଅଛି । ତାଙ୍କୁ ମୁଁ ଗୋଟିଏ କୋଟ ଏଥର କିଣେଇ ଦେଇ ପାରିବି ।"—ଏହା କହି ପିନୋକିଓ ତା' ପକେଟରୁ ପାଞ୍ଚଟି ସୁନା ମୋହର କାଢ଼ି ସେଇ ଦୁଷ୍ଟ ଛୋଟା ଗଧିଆକୁ ଦେଖାଇଲା । ଗଧିଆ ସୁନା ମୋହର ଦେଖି ତା'ର ଛୋଟା ଗୋଡ଼ଟିକୁ ସିଧା କରି ଟିକିଏ ଅଳସ ଭାଙ୍ଗିଲା ଏବଂ ବିରାଡ଼ି ମଧ୍ୟ ସାଙ୍ଗେ ସାଙ୍ଗେ ଆଖି ଖୋଲି ଆଶ୍ଚର୍ଯ୍ୟ ହୋଇ ରହିଲା ।

ଗଧିଆ ପିନୋକିଓକୁ କହିଲା, "ପିନୋକିଓ ଭାଇ, ତୁମେ ବହୁତ ଭୋକିଲା ଥିଲା ଭଳି ଦେଖାଯାଉଛ । ଚାଲ, କେଉଁ ହୋଟେଲ୍‌କୁ ଯାଇ ସମସ୍ତେ ମିଶି କିଛି ଭଲ ମାଛଭଜା ଖାଇବା ।"

Digitized by srujanika@gmail.com

ଝିଁ-ଝିଁ-ଝିଁ"...ପୁରୁଣା ଝିଙ୍କାରିଟି ଘଣ୍ଟାକଣ୍ଡରେ ଥିବା ଗୋଟିଏ ଗଛ ଉପରେ ବସି ବୋବେଇଲା ଏବଂ ପିନୋକିଓକୁ କହିଲା, "ପିନୋକିଓ ! କେବେହେଲେ ଦୁଷ୍ଟ ସାଙ୍ଗଙ୍କ କଥା ଶୁଣିବା ଉଚିତ ନୁହେଁ । ଘରୁ ବାହାରିଲାବେଳେ ତୁମ ବାପା କ'ଣ କହିଥିଲେ, ମନେ ପକାଅ । ସେଇଆ ହିଁ କରିବା ଉଚିତ ।" ପିନୋକିଓ ଝିଙ୍କାରିଟିକୁ ଚିହ୍ନିପାରିଲା; କିନ୍ତୁ ନଶୁଣିଲା ଭଳି ବାହାନା କଲା ।

ପିନୋକିଓ ସେ ମୁହୂର୍ତ୍ତରେ ପୂର୍ବକଥା ସବୁ ଭୁଲିଗଲା । ବାପାଙ୍କ ପାଇଁ ଗରମ କୋଟ୍ ଓ ତା' ପାଇଁ ବହି କିଣିବା କଥା ତାର ଖିଆଲ ରହିଲାନାହିଁ । ଏପରି କି ବାପାଙ୍କ ଉପଦେଶ ମଧ୍ୟ ଭୁଲିଗଲା । ଗଧିଆ ଓ ବିରାଡ଼ିକୁ କହିଲା, "ଚାଲ ଶୀଘ୍ର ଯିବା । ମତେ ଭୀଷଣ ଭୋକ ଲାଗିଲାଣି ।"

ତିନିହେଁ ମିଶି ଗୋଟିଏ ଭଲ ହୋଟେଲ୍‌କୁ ଗଲେ । ହୋଟେଲ୍‌ରେ ଗଧିଆ ତା' ପାଇଁ ଚେଳିଆମାଂସ, ବିରାଡ଼ି ପାଇଁ ମାଛଭଜା ଓ ପିନୋକିଓ ପାଇଁ ମାଂସ ତରକାରି ବରାଦ କଲା । ପିନୋକିଓ ଥାଳିର ମାଂସ ତରକାରି ଶେଷକରି ପାରିଲାନି—ତା' ପୂର୍ବରୁ ହିଁ ସେ ଖାଇବା ଟେବୁଲ୍ ଉପରେ ମୁହଁ ମାଡ଼ି ଶୋଇଗଲା ।

ଗଧିଆ ଓ ବିରାଡ଼ିଙ୍କ ଖାଇବା ସରିବା ପରେ ଗଧିଆ ସେ ହୋଟେଲ୍‌ରେ ଦୁଇଟି କୋଠରି ଭଡ଼ା ନେଲା ଗୋଟିଏ ପିନୋକିଓ ପାଇଁ ଏବଂ ଆଉ ଗୋଟିଏ ସେ ଓ ତା' ସାଙ୍ଗ ବିରାଡ଼ି ରହିବା ପାଇଁ ।

ବିରାଡ଼ି, ଗଧିଆ ପିନୋକିଓକୁ ଧରି ଧରି ନେଇ ତା' ଶେଯରେ ଶୁଆଇ ଦେଲେ । ପିନୋକିଓ ସେଠାରେ ଗାଢ଼ ନିଦରେ ଶୋଇ ସ୍ୱପ୍ନ ଦେଖିବାକୁ ଲାଗିଲା । ସ୍ୱପ୍ନରେ ଦେଖିଲା ତା'ର ପାଞ୍ଚଟିଯାକ ସୁନା ମୋହର ଗଛ ହୋଇଯାଇଛି ଏବଂ ସେଥିରେ ଅନେକ ସୁନା ମୋହର ଫଳ ଗଛଗୁଡ଼ିକ ଚମକୁଛି । ଖୁସିରେ ସେ ହାତ ବଢ଼ାଇ

Digitized by srujanika@gmail.com

ଗଛର ମୋହର ତୋଳିବାକୁ ଠିକ୍ ଚେଷ୍ଟା କଲାବେଳକୁ ତା' ନିଦ ଭାଙ୍ଗିଗଲା ।

ପିନୋକଯ୍ୟୋ ଆଖି ଖୋଲି ଦେଖିଲା ଜଣେ ଅଜଣା ଲୋକ ତା' ପାଖରେ ଠିଆ ହୋଇ କହୁଛି, "ପିନୋକଯ୍ୟୋ ଉଠ୍, ରାତି ସରି ଆସୁଛି । ଗଧିଆ ଓ ବିରାଡ଼ି ହୋଟେଲ୍ ଛାଡ଼ି ଚାଲିଗଲେଣି ।" ସେ ଲୋକଟି ପ୍ରକୃତରେ ହୋଟେଲ୍ ମାଲିକ ଏବଂ ପିନୋକଯ୍ୟୋକୁ ରାତି ଖାଇବା, ରହିବା ଖର୍ଚ୍ଚ ମାଗିବାକୁ ଆସିଥିଲା । ତେଣୁ ପିନୋକଯ୍ୟୋକୁ ତାର ପଞ୍ଚଟି ସୁନାମୋହରରୁ ଗୋଟିଏ ହୋଟେଲ୍ ମାଲିକକୁ ବାଧ୍ୟ ହୋଇ ଦେବାକୁ ପଡ଼ିଲା । ମନଦୁଃଖରେ ପିନୋକିଯ୍ୟୋ ଭାବିଲା— ହଉ, ଗୋଟିଏ ମୋହର ଚାଲିଗଲେ କ'ଣ ହେଲା; ଆହୁରି ଚାରିଟା ତ ଅଛି ।

ସେତେବେଳକୁ ଆହୁରି ମୁହଁ-ଅନ୍ଧାର ଥାଏ । ପିନୋକଯ୍ୟୋ ସେହି ଅନ୍ଧାରରେ ଘର ଆଡ଼କୁ ବାହାରିଲା । କିଛି ସମୟ ପରେ ତା'ର ମନେହେଲା ଯେପରି ତା' ପଛରେ କିଏ ଗୋଡ଼ାଉଛି । ସେ ବୁଲିପଡ଼ି ଦେଖିଲା, ଦୁଇଟି କଳା କଳା ଜନ୍ତୁ ତା'ରି ଆଡ଼କୁ ଦୌଡ଼ି ଆସୁଛନ୍ତି । ଆଖି ଦୁଇଟା ଛଡ଼ା ତାଙ୍କର ଆଉ କିଛି ଦେଖାଯାଉ ନଥାଏ । ଗୋଡ଼ରୁ ମୁଣ୍ଡ ପର୍ଯ୍ୟନ୍ତ କୋଇଲା ଭଳି କଳା ରଙ୍ଗର ଗୋଟିଏ ବସ୍ତାରେ ଘୋଡ଼େଇ ହୋଇ ରହିଥାନ୍ତି । ଆଖି ପାଖରେ କେବଳ ଦୁଇଟି କଣା ଥାଏ । ସେବାଟେ ତାଙ୍କରି ଆଖି ଦୁଇଟି ସେହି ଅନ୍ଧାର ରାତିରେ ଚମକଉଥିଲା । ସେ ଦୁହେଁ ଡେଇଁଆସି ପିନୋକଯ୍ୟୋର ହାତ ଦୁଇଟିକୁ ଜାବୁଡ଼ି ଧରିଲେ ଏବଂ କହିଲେ, "ତୋ ପାଖରେ ଯାହା ପଇସା ଅଛି, ଶୀଘ୍ର ବାହାରକରି ଆମକୁ ଦେ ।"

ପିନୋକଯ୍ୟୋ ଟିକିଏ ଚାଲାକି କରିଥିଲା । ଆସିଲାବେଳେ କାଳେ ମୋହରଗୁଡ଼ିକ ଝଣଝଣ ହେବ ଭାବି ସେଗୁଡ଼ିକୁ ତା' ପାଟି ଭିତରେ ଲୁଚାଇ ରଖିଥିଲା । ଦୁଇଟିଯାକ କଳା ଜନ୍ତୁ ତା'ର ନାକ ଓ

Digitized by srujanika@gmail.com

ପାଟିକୁ ଚପି ଖୋଲିବା ପାଇଁ ଚେଷ୍ଟା କଲେ । ଏହି ସମୟରେ ଗୋଟିଏ ହୁମୁହୁମିଆ ବଡ଼ଡ଼ର ଗୋଡ଼ ସେ କଳା ବସ୍ତା ଭିତରୁ ବାହାର ତା' ପାଟିରୁ ମୋହର ନେବାକୁ ଚେଷ୍ଟାକଲା । ଏତିକିବେଳେ ପିନୋକେୟୋ ତା'ର ସବୁ ବଳ ଲଗାଇ ଦୁଇଟାଯାକ ଜନ୍ତୁଙ୍କୁ ଠେଲି ଦେଇ ତାଙ୍କ ହାତରୁ ନିଜକୁ ଖଲାସ କରି ପୁଣି ଧାଇଁଲା । ସେ ପାଟିରେ ମୋହରତକ ସେମିତି ଧରିଥାଏ ।

ପିନୋକେୟୋ ପଛେ ପଛେ ସେ କଳା ପୋଷାକ ପିନ୍ଧିଥିବା ଜନ୍ତୁ ଦୁଇଟି ମଧ୍ୟ ଧାଇଁଥାନ୍ତି । କିଛି ବାଟ ଧାଇଁଲା ପରେ ପିନୋକେୟୋ ହାଲିଆ ହୋଇଗଲା; ଆଉ ଜୋର୍‌ରେ ଦୌଡ଼ିପାରିଲାନି । ଶେଷରେ ସେ ଅନ୍ୟ ଉପାୟ ନପାଇ ଟିକିଏ ବୁଦ୍ଧି ଖଟାଇ ପାଖରେ ଥିବା ଗୋଟିଏ ଲମ୍ବା ଗଛରେ ଚଢ଼ିଗଲା । ଜନ୍ତୁ ଦୁଇଟି ଗଛ ତଳେ ରହିଗଲେ । କାରଣ ସେମାନେ ବସ୍ତାରେ ଘୋଡ଼େଇ ହୋଇ ରହି-ଥିବାରୁ ଗଛ ଉପରକୁ ଚଢ଼ିବାକୁ ତାଙ୍କୁ ସୁବିଧା ହେଲାନି ।

ପିନୋକେୟୋ ପଛରେ ଦୌଡ଼ୁଥିବା ଜନ୍ତୁ ଦୁଇଟି ମଧ୍ୟ କମ୍ ଗୃଳକ୍ ନଥିଲେ । ସେମାନେ ପାଖରେ ପଡ଼ିଥିବା ଶୁଖିଲା କାଠ-ପତ୍ରସବୁ ଏକାଠି କରି ପିନୋକେୟୋ ଚଢ଼ିଥିବା ଗଛତଳେ ଆଣି ଜମା କରି ନିଆଁ ଲଗାଇଦେଲେ । ପିନୋକେୟୋ ଉପରେ ବସି ଏହା ଦେଖୁଥାଏ । ତଳେ ନିଆଁ ଲାଗିବା ଦେଖି ସେ ବହୁତ ଡରିଗଲା । କ'ଣ କରିବ କିଛି ଭାବି ପାରୁନଥାଏ । ଏଣେ ନିଆଁ ଧୀରେ ଧୀରେ ଜୋରରେ ଜଳି ଗଛ ଉପରକୁ ମାଡ଼ିଚାଲିଥାଏ । ଶେଷରେ ପିନୋକେୟୋ ବାଧ୍ୟ ହୋଇ ଆଖି କାନ ବନ୍ଦ କରି ଗଛ ଉପରୁ ତଳକୁ ଡେଇଁପଡ଼ିଲା ଏବଂ ଆଖି ପିଛୁଳାକେ ପଡ଼ିବା ଜାଗାରୁ ଉଠି ପୁଣି ଜୀବନବିକଳରେ ଦୌଡ଼ିଲା ।

କିଛି ବାଟ ଧାଇଁବା ପରେ ସେ ପଛକୁ ବୁଲି ଅନାଇଲା—ଦେଖିଲା ସେ ଜନ୍ତୁ ଦୁଇଟି ମଧ୍ୟ ସେମିତି ଜୋର୍‌ରେ ତା' ପଛରେ ଦୌଡ଼ୁଛନ୍ତି ।

Digitized by srujanika@gmail.com

ଏପରି ଅନେକ ବାଟ ଧାଇଁବା ପରେ ବାଟରେ ଗୋଟିଏ ଝରଣା ପଡ଼ିଲା । ପିନୋକିୟୋ ହଠାତ୍ ମୁହୂର୍ତ୍ତକ ପାଇଁ ଅଟକିଗଲା; କଣ କରିବ ଠିକ୍ କରିପାରିଲାନି । ତା'ପରେ ତା'ର ମଜବୁତ୍ ନୂଆ ଗୋଡ଼ ଦୁଇଟି କଥା ମନେ ପଡ଼ିଗଲା ଏବଂ ମନରେ କିଛି ସାହସ ପାଇଗଲା ।

ପିନୋକିୟୋ ତା'ପରେ ଗୋଟିଏ ଉପାୟ ପାଞ୍ଚ କିଛି ବାଟ ପଛକୁ ଫେରିଗଲା । ନିଜର ସବୁ ବଳ ଲଗାଇ ଦୌଡ଼ ଦୌଡ଼ ଆସି ଏକାଡିଆଁକେ ଝରଣାଟିକୁ ପାରହୋଇଗଲା ଓ ଝରଣାର ଆର କୂଳରେ ଯାଇ ପହଞ୍ଚିଲା । ତା' ପଛରେ ଗୋଡ଼ାଉଥିବା ଜନ୍ତୁ ଦୁଇଟି ଏହା ଦେଖି ସେମାନେ ମଧ୍ୟ ସେୟା କରିବା ପାଇଁ ଠିକ୍ କଲେ । କିନ୍ତୁ ସେମାନେ ବସ୍ତାରେ ଗୋଡ଼ରୁ ମୁଣ୍ଡ ପର୍ଯ୍ୟନ୍ତ ଘୋଡ଼େଇ ହୋଇଥିବାରୁ ଠିକ୍ ଭାବେ ଡେଇଁ ପାରିଲେନି—ଝରଣାର ମଝି-ସୁଅରେ ଯାଇ ଦୁମ୍‌କିନା ପଡ଼ିଲେ ।

ପିନୋକିୟୋ ଝରଣାର ଆର କୂଳରେ ଠିଆହୋଇ ଗୁହ୍ଁଥାଏ । ଜନ୍ତୁ ଦୁଇଟିକୁ ପାଣି ମଝିରେ ପଡ଼ି ଅାଉଟୁପାଉଟୁ ହେଉଥିବା ଦେଖି ସେ ଆଉ ହସ ରୋକିପାରିଲା ନାହିଁ । ବଡ଼ପାଟିରେ ମନ ଖୋଲି କିଛି ସମୟ ହସିଗଲା । ତା'ର କିଛି ସମୟ ପରେ ସେ ଜନ୍ତୁ ଦୁଇଟି ମଧ୍ୟ କଷ୍ଟେମଷ୍ଟେ ପାଣିରୁ ଉଠି ଝରଣାର ଆର କୂଳରେ ଯାଇ ପହଞ୍ଚିଗଲେ । ପିନୋକିୟୋ ଏହା ଦେଖି ଟିକିଏ ଆଶ୍ଚର୍ଯ୍ୟ ହୋଇ ପୁଣି ଏକାନିଶ୍ୱାସରେ ଧାଇଁଲା ଏବଂ ତା' ପଛେ ପଛେ ଜନ୍ତୁ ଦୁଇଟି (ପିନୋକିୟୋ ଜାଣିଥାଏ ଯେ ସେହି ଛଦ୍ମବେଶୀ କଳା ଜନ୍ତୁ ଦୁଇଟି ଗଧିଆ ଓ ବିଲେଇ ଛଡ଼ା ଆଉ କେହି ନୁହନ୍ତି) ଗୋଡ଼ାଇଲେ ।

ଧୀରେ ଧୀରେ ରାତି ପାହି ସକାଳ ହୋଇ ଆସିଲା । ସୂର୍ଯ୍ୟ ପାହାଡ଼ ପଛରୁ ବାହାରିଆସିଲେ । ପିନୋକିୟୋ ଘନ ଜଙ୍ଗଲ ଭିତରେ ଏକମୁହାଁ ହୋଇ ସେପରି ଦୌଡ଼ୁଥାଏ । ସେ ହଠାତ୍ ଦେଖିଲା

Digitized by srujanika@gmail.com

ତାର ସାମନାରେ ଗୋଟିଏ ସୁନ୍ଦର ଚନ୍ଦନକାଠର ଘର । ଘରର ଛାତ ଉପରେ ପକ୍ଷୀମାନେ ରହିବା ପାଇଁ ସୁନ୍ଦର ବ୍ୟବସ୍ଥା ହୋଇଛି । ପିନୋକିଓ୍ୱ ମୁହୂର୍ତ୍ତେ ସେଠାରେ ଅଟକିଯାଇ ଠିଆ ହୋଇ ରହିଁଲା । ଦେଖିଲା, ଝରକା ପାଖରେ ନୀଳ ରଙ୍ଗର ସୁନ୍ଦର ପରୀଟିଏ ଠିଆ-ହୋଇଛନ୍ତି—ଯାହାର ବାଳର ରଙ୍ଗ ନୀଳ ଓ ସୁନା ଭଳି ହଳଦିଆ ଦେହର ରଙ୍ଗ । ପିନୋକିଓ୍ୱ ସେ ଦୁଆରରେ ଯାଇ ଜୋର୍‌ରେ ଠକ୍‌ଠକ୍ ଆବାଜ କଲା । ପରୀ ଆସି ଯେମିତି ଦୁଆର ଖୋଲିଛନ୍ତି, ପିନୋକିଓ୍ୱ ସାଙ୍ଗେ ସାଙ୍ଗେ ଘର ଭିତରକୁ ବିନା ଅନୁମତିରେ ପଶିଗଲା । ପରୀ ପଚାରିଲେ, "କ'ଣ ହୋଇଛି ତୋର ? କାହିଁକି ଡାକୁଥିଲୁ ?"

ପିନୋକିଓ୍ୱ ଘରୁ ବାହାରିବା ପରଠାରୁ ଏପର୍ଯ୍ୟନ୍ତ ଘଟି-ଯାଇଥିବା ସବୁ ଘଟଣା ପରୀଙ୍କ ଆଗରେ ବର୍ଣ୍ଣନା କରି କହିଗଲା । ପରୀ ପଚାରିଲେ, "ତେବେ ବାକି ସୁନା ମୋହରତକ କାହିଁ ?"

"ସେଗୁଡ଼ିକ ହଜିଗଲା ।" ପିନୋକିଓ୍ୱ ସାଙ୍ଗେ ସାଙ୍ଗେ ଗୋଟିଏ ମିଛ କହିଦେଲା । ପ୍ରକୃତରେ ସେଗୁଡ଼ିକ ତା' ପକେଟ୍‌ରେ ଥାଏ । ସେ ଯେମିତି ଏତିକି ମିଛ କହିଛି ତା' ନାକଟି ଯାହା ଲମ୍ବା ଥିଲା, ଆହୁରି ଲମ୍ବା ହୋଇ ବଢ଼ିଗଲା ।

ପରୀ ପୁଣି ପଚାରିଲେ, "କେଉଁଠି ସେଗୁଡ଼ିକ ହଜେଇଦେଲୁ ?"

"ଜଙ୍ଗଲରେ ଧାଇଁ ଧାଇଁ ଆସିଲାବେଳେ ବାଟରେ କେଉଁଠି ପଡ଼ିଗଲା ।" ପିନୋକିଓ୍ୱ ପୁଣି ଯେମିତି ଆଉ ଥରେ ମିଛ କହିଲା, ତା' ନାକଟି ପୂର୍ବ ଅପେକ୍ଷା ପୁଣି ଆଉ ଟିକିଏ ବଢ଼ିଗଲା ।

"ଠିକ୍ ଅଛି, ଚାଲ ଆମେ ଦୁହେଁ ଯାଇ ଜଙ୍ଗଲରେ ସେ ମୋହର-ଗୁଡ଼ିକ ଖୋଜି ଆଣିବା ।" ପରୀ ମିଛରେ ଦୟା ଦେଖାଇ କହିଲେ ।

ପିନୋକିଓ୍ୱ ସାଙ୍ଗେ ସାଙ୍ଗେ ପୁଣି କଥା ବଦଳାଇ କହିଲା "ନା, ନା, ମୋହରଗୁଡ଼ିକ ମୁଁ ଭୁଲ୍‌ରେ ଗିଳିଦେଇଛି ।"

Digitized by srujanika@gmail.com

ପିନୋକିଓ୍ୱୋ ଏଥରକୁ ମିଶାଇ ତିନଥର ମିଛ କହିସାରିଥାଏ । ତା' ନାକ ପୁଣି ଆଉ ଟିକିଏ ବଢ଼ିଗଲା । ଏହିପରି ବଢ଼ି ବଢ଼ି ତା' ନାକ ଯାଇ ଶେଷରେ କାନ୍ଥରେ ବାଜିଲା । ବେଚରା ଆଉ ତା' ଜାଗାରୁ ଇଞ୍ଚେ ମଧ୍ୟ ଘୁଞ୍ଚିପାରିଲାନି; ଯେଉଁଠି ଠିଆହୋଇଥାଏ, ସେମିତି ଠିଆ ହୋଇ ରହିଗଲା ।

ପରୀ ତାଙ୍କ ଜାଗାରେ ଠିଆହୋଇ ପିନୋକିଓ୍ୱୋକୁ ଦେଖୁଥାନ୍ତି । ପିନୋକିଓ୍ୱୋ ଏପଟ ସେପଟ ହେବାକୁ ବହୁତ ଚେଷ୍ଟା କରୁଥାଏ; କିନ୍ତୁ ପାରୁନଥାଏ । ନାକଟାର ଓଜନ ମଧ୍ୟ ବିଚରା ସହିପାରୁନଥାଏ । ବଡ଼ ମୁସ୍କିଲ୍‌ରେ ପଡ଼ିଯାଇଥିଲା । ପରୀ ଦେଖିଲେ, ପିନୋକିଓ୍ୱୋ ମିଛ କହିବା ହେତୁ ଯଥେଷ୍ଟ ଶାସ୍ତି ଭୋଗିଯାଇଲାଣି । ତାଙ୍କ ମନରେ ଦୟା ଆସିଲା । ଫଳେ କାଠହଣା ଚଢ଼େଇଙ୍କୁ ସେ ସଙ୍ଗେ ସଙ୍ଗେ ଡାକଦେଲେ । ପକ୍ଷୀଗୁଡ଼ିକ ଝରକା ବାଟେ ଘର ଭିତରକୁ ପଶିଆସି ପିନୋକିଓ୍ୱୋର ସେ ଲମ୍ବା ନାକଟାକୁ କାଟିବା ଆରମ୍ଭ କରିଦେଲେ । କାଟି କାଟି ଶେଷରେ ସେମାନେ ପିନୋକିଓ୍ୱୋର ନାକଟିକୁ ଠିକ୍‌କରିଦେଲେ ।

ପିନୋକିଓ୍ୱୋ ଏବେ ନାକକଷ୍ଟରୁ ମୁକ୍ତ ପାଇଲା । ସେ ଖୁସିରେ ପରୀରାଣୀଙ୍କୁ କୃତଜ୍ଞତା ଜଣାଇ କହିଲା, "ପରୀରାଣି ! ତୁମେ କେତେ ଭଲ ? ବର୍ତ୍ତମାନ ମୁଁ ଶୀଘ୍ର ଘରକୁ ଯିବାକୁ ଚାହୁଁଛି । ବାପା ଚଣେ ମତେ ଖୋଜି ଖୋଜି ବ୍ୟସ୍ତ ହୋଇଯାଉଥିବେ ।"

"ଭଲକଥା, ଏବେ ତୁ ଆଉ କୁଆଡ଼େ ନଯାଇ ସିଧା ଘରକୁ ଚାଲିଯା ।" ପରୀ ଏହା କହି ପିନୋକିଓ୍ୱୋକୁ ଟିକିଏ ଗେଲ କଲେ ।

ପରୀଙ୍କଠାରୁ ବିଦାୟ ନେଇ ପିନୋକିଓ୍ୱୋ ସେଠାରୁ ଘର-ଅଭିମୁଖରେ ବାହାରିଲା । ମନଖୁସିରେ ଗୀତ ଗାଇ ବାଟ ଚାଲିଥାଏ । ହଠାତ୍ ତା' ନାଁ ଧରି କିଏ ଡାକିଲା ଭଳି ତାକୁ ଜଣାଗଲା ।

Digitized by srujanika@gmail.com

ସେ ମୁଣ୍ଡ ଟେକ ଉପରକୁ ଚାହିଁଲା । ଦେଖିଲା ଗଛର ଡାଳରେ ବଡ଼ ପାରାଟିଏ ବସି ତାକୁ ପଚାରୁଛି, "ନାଁ କଣ, ପିନୋକସ୍ପୋ ?"

ଏତେ ବଡ଼ ପାରା ପିନୋକସ୍ପୋ ଆଗରୁ କେବେ ଦେଖିନଥିଲା । ଆଶ୍ଚର୍ଯ୍ୟ ହୋଇ ଚାହିଁ କହିଲା, "ହଁ, ମୋ ନାଁ ପିନୋକସ୍ପୋ । ତୁମେ ମୋ ବାପା ଗେପେଟୋଙ୍କୁ ଦେଖିଛ କି ?"

"ହଁ, ମୁଁ ତୁମ ବାପା ଗେପେଟୋଙ୍କୁ ସମୁଦ୍ରକୂଳରେ ଦେଖିଥିଲି । ଗୋଟିଏ ଡଙ୍ଗାରେ ବସି ଯାଉଥିଲେ । ସେ ତୁମକୁହିଁ ଖୋଜୁଥିଲେ ।"

"ପାରା ଭାଇ ! ଶୀଘ୍ର କୁହ ଏଠାରୁ କେତେ ବାଟ ଗଲେ ସମୁଦ୍ର ପଡ଼ିବ ?"

"ଆରେ ବାପ୍‌ରେ ! ଏଠାରୁ ତ ସମୁଦ୍ର ବହୁତ ବାଟ ହେବ । ଆଚ୍ଛା, ତୁମେ କଣ ବହୁତ ଓଜନ ହେବ ?"

"ନାଁ, ମୁଁ ବହୁତ ହାଲୁକା । ବାପା ମତେ ଗୋଟିଏ ହାଲୁକା କାଠରେ ତିଆରି କରିଛନ୍ତି ।"

"ତାହାହେଲେ ମୁଁ ତୁମକୁ ମୋ ପିଠିରେ ବସେଇ ଉଡ଼େଇ ନେଇ ସେଠାରେ ପହଞ୍ଚାଇ ଦେବି ।"—ଏହା କହି ପାରା ତଳକୁ ଆସି ତା' ଡେଣା ଦୁଇଟି ଖୋଲି ବସିଲା । ପିନୋକସ୍ପୋ ଯାଇ ପାରା ଉପରେ ବସିଗଲା । ପାରା ତାକୁ ସାଙ୍ଗେ ସାଙ୍ଗେ ଉଡ଼େଇ ନେଲା । ପାରାଟି ଏତେ ଉପରକୁ ଉଠିଲା ଯେ ଧୀରେ ଧୀରେ ଗାଁ, ବରଗଛ, ପଥ ସବୁ ଲୁଚିଗଲା । ଉପରୁ କେବଳ ପାହାଡ଼ ଉପରେ ଜମିଥିବା ବରଫ ପିନୋକସ୍ପୋକୁ ଦେଖାଯାଉଥାଏ ।

ପାରାଟି ସାରା ରାତି ପିନୋକସ୍ପୋକୁ ପିଠିରେ ଧରି ଆକାଶରେ ଉଡ଼ୁଥାଏ । ଧୀରେ ଧୀରେ ସକାଳ ହେଲା । ସୂର୍ଯ୍ୟ ଉଦୟ ହେଲେ । ସେତେବେଳକୁ ସମୁଦ୍ର ନିକଟରେ ସେ ଦୁହେଁ ପହଞ୍ଚି-ଯାଇଥିଲେ । ପାରାଟି ତା' ଗତି କମାଇଦେଇ ଧୀରେ ତଳକୁ

Digitized by srujanika@gmail.com

ହୋଇ ଆସି ଗୋଟିଏ ପଥର ଉପରେ ବସିଲା । ସମୁଦ୍ରର ବଡ଼ ବଡ଼ ଲହରୀଗୁଡ଼ିକ କୂଳରେ ପିଟିହୋଉଥାଏ । ସେ ଦୃଶ୍ୟ ଦେଖିଲେ ମନ ଭୟରେ ଥରିଉଠୁଥାଏ ।

ପାରାଟି ସେଠାରେ ପିନୋକିଓ୍ବଙ୍କୁ ଓହ୍ଲାଇ ଦେଇ କହିଲା, "ପିନୋକିଓ୍ବ ! ଆଜି ମୁଁ ତୁମକୁ ଧରି ଉଡ଼ିପାରିବନି । ଏଠାରୁ ମୁଁ ଫେରିଯାଉଛି । ଯିବାପୂର୍ବରୁ ତୁମକୁ କହିଦେଉଛି ଯେ ତୁମର ଏଠାରେ ବୁଲିବାରେ ବହୁତ ବିପଦ ଅଛି—ଏକଥା ପାଶୋରିବ ନାହିଁ ।"

"ହଁ ହଁ, ତୁମେ ସେଥିପାଇଁ ବ୍ୟସ୍ତ ହୁଅନ୍ତ । ତୁମେ ମୋର ଅନେକ ଉପକାର କଲ । ଏତେ ବାଟ ଉଡ଼େଇ ଆଣିଥିବାରୁ ବହୁତ ବହୁତ ଧନ୍ୟବାଦ ।"

"ଭଗବାନ୍ ତୁମକୁ ସହାୟ ହୁଅନ୍ତୁ ।"—ଏହା କହି ପାରା ସେଠାରୁ ଫେରିଗଲା ।

ପିନୋକିଓ୍ବ ସମୁଦ୍ରକୂଳରେ ଠିଆହୋଇ କିଛି ସମୟ ସମୁଦ୍ରର ଦୃଶ୍ୟ ଦେଖିଲା । ଅନେକ ଲୋକ ସେଠାରେ ଠିଆହୋଇ ସମୁଦ୍ରରେ ଭାସୁଥିବା ଗୋଟିଏ ଛୋଟ ଡଙ୍ଗାକୁ ଦେଖାଇ କଣ ପାଟିକରୁଥାନ୍ତି । ପିନୋକିଓ୍ବ କିଛି ବୁଝିପାରୁନଥାଏ । ଶେଷରେ ପାଖରେ ଠିଆ ହୋଇଥିବା ଜଣେ ସ୍ତ୍ରୀଲୋକକୁ ସେ ପଚାରିଲା, "କଥା କଣ ? ସମସ୍ତେ ଏମିତି ପାଟି କାହିଁକି କରୁଛନ୍ତି ?"

"ଜଣେ ବୁଢ଼ା ଲୋକ ଏ ଭୟଙ୍କର ସମୁଦ୍ରରେ ଛୋଟ ଡଙ୍ଗାଟିଏ ଧରି ସମୁଦ୍ର ପାରିହେବାକୁ ଚେଷ୍ଟା କରୁଛି । ବିଚରା ତା' ପୁଅକୁ ହରି ବ୍ୟସ୍ତ ହୋଇ ଖୋଜୁଛି । ଏଣେ ଭୟଙ୍କର ତୋଫାନ୍ ମାଡ଼ିଆସିଲାଣି । ମନେହେଉଛି, ତା'ର ସେ ଛୋଟ ଡଙ୍ଗାଟି ନିଶ୍ଚୟ ସମୁଦ୍ରରେ ବୁଡ଼ିଯିବ ।"—ସ୍ତ୍ରୀଲୋକଟି କହିଲା ।

ପିନୋକିଓ୍ବ ଦେଖିଲା ସମୁଦ୍ରର ଲହରୀରେ ଗୋଟିଏ ଛୋଟ ଡଙ୍ଗା ଏପଟ ସେପଟ ହେଉଛି, ଆଉ ସେଥିରେ ଗେପେଟୋ ଭଳି

Digitized by srujanika@gmail.com

ଜଣେ ବୁଢ଼ାଲୋକ ଡଙ୍ଗାଉପରେ ଠିଆହୋଇ ତାକୁ ହାତ ହଲଉଛୁ । ପିନୋକସ୍ୱୋ ପାଟି କରି ଉଠିଲା, "ବାପା ! ତୁମେ ଫେରିଆସ—ମୁଁ ଏଠି ଅଛି ।" ଏହି ସମୟରେ ଗୋଟିଏ ବଡ଼ ଲହରୀ ଆସି ଡଙ୍ଗାଟିକୁ ବୁଡ଼ାଇଦେଲା —ତା'ପରେ ଆଉ ସେ ଡଙ୍ଗାଟି ଦେଖାଗଲାନି ।

କୂଳରେ ଠିଆହୋଇଥିବା ସବୁ ଲୋକଙ୍କ ମୁହଁରୁ ଗୋଟିଏ ଚିତ୍କାର ବାହାରିଆସିଲା । ସେଥିଭିତରୁ ଜଣେ କହିଲା, "ଆହା, ବିଚାରା ବୁଢ଼ାଟି ଶେଷରେ ବୁଡ଼ିଗଲା ! ସେ ଗଲା ଆଗରୁ କହୁଥିଲା ଯେ ତାକୁ ପହଁରିବା ଆସେ ନାହିଁ ।"

"ନା, ମୋ ବାପାଙ୍କୁ ମୁଁ ନିଶ୍ଚୟ ରକ୍ଷା କରିବି ।"—ପିନୋକସ୍ୱୋ ଏହା କହି ସେହି ସମୁଦ୍ରପାଣିକୁ ଡେଇଁପଡ଼ିଲା ।

ପିନୋକସ୍ୱୋ କିନ୍ତୁ ଭଲ ପହଁରିବା ଜାଣିଥିଲା । ପହଁରି ପହଁରି ଯେତେବେଳେ ହାଲିଆ ହୋଇଯାଉଥିଲା, ସେତେବେଳେ ସେ ଭାସି ଭାସି କିଛି ବାଟ ଚାଲିଯାଏ । ଭଲ ହାଲୁକା କାଠରେ ତିଆରି ହୋଇଥିବାରୁ ଭାସିବାରେ କିଛି ଅସୁବିଧା ହେଉନଥିଲା । ଏହିପରି ଗୋଟାଏ ଦିନ ଗୋଟାଏ ରାତି ପହଁରିବା ପରେ ମଧ୍ୟ ସେ କେଉଁଠି ତା' ବାପା ଗେପେଟୋକୁ କିମ୍ବା ତା'ର ଛୋଟ ଡଙ୍ଗାଟି ଦେଖିବାକୁ ପାଇଲା ନାହିଁ ।

ସେ ଦିନ ରାତି ଯାଇ ତା' ପରଦିନ ସକାଳ ହେଲା । ପିନୋକସ୍ୱୋକୁ ଦୂରରେ ଗୋଟିଏ ଦ୍ୱୀପ ଦେଖାଗଲା । କିନ୍ତୁ ସେତେବେଳକୁ ବିଚରା ପହଁରି ପହଁରି ଏତେ ହାଲିଆ ହୋଇ ଯାଇଥିଲା ଯେ ଦ୍ୱୀପରେ ପହଞ୍ଚିପାରିବ ବୋଲି ତାର ଆଶା ହେଉ-ନଥାଏ । ପିନୋକସ୍ୱୋ କଷ୍ଟେମଷ୍ଟେ ପହଁରି କୌଣସିମତେ ଯାଇ ଦ୍ୱୀପରେ କିଛି ସମୟ ପରେ ପହଞ୍ଚିଗଲା । ସେଠାରେ ପହଞ୍ଚି କିଛି ସମୟ ବିଶ୍ରାମ ନେଲା । ଏଣେ ମନେ ମନେ ଭାବୁଥାଏ ଯେ ବାପା

Digitized by srujanika@gmail.com

କାଳେ କେଉଁଠି ହଜିଯିବେ ପରା । ସେଠାରେ ଠିଆ ହୋଇ ସେ ଚାରିଆଡ଼କୁ ଚାହିଁଲା । କିନ୍ତୁ ବାପାଙ୍କୁ ନଜର ହେବାକୁ ଆଁ ପଡ଼ିଲା । ନୀଳ ସମୁଦ୍ରପାଣି ଛଡ଼ା ତା' ଆଖିରେ ଆଉ କିଛି ପଡ଼ିଲା ନାହିଁ ।

ପିନୋକ୍କିଓ ସେହି ଦ୍ୱୀପରେ ବସି ଖରାରେ ଦେହକୁ ଶୁଖାଇଲା । ବସି ବସି ଭାବୁଥାଏ ଯେ ଏ ଜାଗାଟିର ନାଁ କ'ଣ ହୋଇପାରେ ? କାହାକୁ ପଚାରିଲେ ହୁଅନ୍ତା—କିନ୍ତୁ ଆଖପାଖରେ ସେ କାହାକୁ ଦେଖିବାକୁ ପାଇଲା ନାହିଁ । କିଛି ସମୟ ପରେ ଦୂରରେ ଗୋଟିଏ ବଡ଼ ମାଛ ପହଁରୁଥିବା ଦେଖିପାରିଲା । ମାଛଟିର ନାଁ ଡଲ୍‌ଫିନ୍ । ସଙ୍ଗେ ସଙ୍ଗେ ପିନୋକ୍କିଓ ବଡ଼ପାଟିରେ ଡାକ ପକାଇଲା; କହିଲା—"ମାଛ ଭାଇ, ଦୟାକରି ଟିକିଏ ଶୁଣିଯିବ କି ?" ମାଛଟି ପାଖକୁ ଆସିବାରୁ ପଚାରିଲା, "ମାଛ ଭାଇ କହିପାରିବ କି, ଏ ଦ୍ୱୀପରେ ମତେ କେଉଁଠି ଖାଇବାକୁ କିଛି ମିଳିବ ? ମତେ ଭାରି ଭୋକ ଲାଗିଲାଣି ।"

କେଉଁଠି ଖାଇବାକୁ ମିଳିବ ଏବଂ କେଉଁ ରାସ୍ତାରେ ଯିବାକୁ ହେବ ମାଛଟି ବତାଇଦେଲା । ପିନୋକ୍କିଓ ପୁଣି ପଚାରିଲା, "ମାଛଭାଇ !" ଆଉ ଗୋଟିଏ କଥା ତୁମକୁ ପଚାରିବାକୁ ଚାହୁଁଛି । ତୁମେ ସମୁଦ୍ରରେ ଗୋଟିଏ ଛୋଟ ଡଙ୍ଗାରେ ମୋ ବାପାଙ୍କୁ ଦେଖିଛ କି ?"

"ନା, ଭାଇ ! ମୁଁ କାହାକୁ ଦେଖିନି । କେବଳ ଭୟଙ୍କର ମସ୍ତବଡ଼ ଗୋଟିଏ ମାଛକୁ ଏ ସମୁଦ୍ରରେ ଦେଖିଥିଲି । ତା' ପରେ ତୁମକୁ ଦେଖୁଛି ।"

ଭୟଙ୍କର ମାଛକଥା ଶୁଣି ପିନୋକ୍କିଓ ଡରିଗଲା । ସେ ଜାଗା ଛାଡ଼ିଯିବା ପାଇଁ ବାହାରିଲା । ଏତିକିବେଳେ ତା'ର ମନେପଡ଼ିଲା ଯେ ସେ ଡଲ୍‌ଫିନ୍ ମାଛକୁ ଧନ୍ୟବାଦ ଜଣାଇନି ।

Digitized by srujanika@gmail.com

ତେଣୁ ମାଛ ପାଖକୁ ଯାଇ କହିଲା, "ମାଛ ଭାଇ ! ବହୁତ ଧନ୍ୟବାଦ । ତୁମେ ମତେ ଅନେକ ଖବର ଦେଲ । ସେଥିପାଇଁ ମୁଁ କୃତଜ୍ଞ । ହଉ, ଯାଉଛି, ନମସ୍କାର ।"

ପିନୋକିଓ୍ୱୋ ସେହି ବଡ଼ମାଛଟି କଥା ମନେ ମନେ ଭାବି ବହୁତ ଡରିଯାଇଥାଏ । ସେ ଶୀଘ୍ର ଶୀଘ୍ର ବଡ଼ ବଡ଼ ମାହୁଣ୍ଡ ଚଳାଇ ଚାଲିଲା । ଡଲ୍‌ଫିନ୍ ମାଛ ଯେଉଁ ରାସ୍ତାଟି ବତାଇଦେଇଥିଲା, ସେବାଟେ ଚାଲିଲା । କିଛି ସମୟ ଚାଲିବା ପରେ ସେ ଗୋଟିଏ ଛୋଟ ଗାଁରେ ପହଞ୍ଚିଲା । ସେଠାରେ ଅନେକ ଲୋକ ଛୋଟ ଛୋଟ କୁଡ଼ିଆ କରି ରହିଥାନ୍ତି ।

ପିନୋକିଓ୍ୱୋ ସେଠାରେ ପହଞ୍ଚି କିଛି ଖାଇବା ପାଇଁ ଗୋଟିଏ ହୋଟେଲ୍ ଖୋଜିଲା । ଏଣେ ପକେଟରେ ହାତ ପୂରାଇ ବାଲଥିବା ଗୋଟିଏ ଧୂନା ମୋହରକୁ ମଧ୍ୟ ଖୋଜିଲା । ପକେଟ୍ କିନ୍ତୁ ଖାଲି । ପକେଟ୍‌ର କନା ଓଲଟାଇ ଭଲକରି ଖୋଜିଲା । କିନ୍ତୁ ସେ ଚାରିଟା ମୋହର ତ କୁଳରେ ହଜିଯାଇଥିଲା । ଏବେ ବିଚରା କରିବ କଣ ? ଏବେ ତ କାହାର କିଛି କାମ କରି କିଛି ପଇସା ରୋଜଗାର କରିବାକୁ ପଡ଼ିବ—ନଚେତ୍ ଭିକ ମାଗିବାକୁ ହିଁ ପଡ଼ିବ । ସେତେବେଳେ ତାକୁ ବାପା ଗେପେଟୋଙ୍କ କଥା ମନେପଡ଼ିଲା । ଥରେ ବାପା ତାକୁ କହିଥିଲେ ଯେ ନିଜର କାମ କରିବା ଶକ୍ତି ଥିଲା ପର୍ଯ୍ୟନ୍ତ ଭିକ ମାଗିବା ଉଚିତ ନୁହେଁ । ଏପରି ଭାବୁଛି, ଦେଖିଲା, ଦୁର୍ବଳ ଓ ଲମ୍ବା ଲୋକଟିଏ ଫଳ ବୋଝେଇହୋଇଥିବା ଠେଲାଗାଡ଼ିଟିଏ ଭାରି କଷ୍ଟରେ ଟାଣି ଟାଣି ଚାଲିଛି । ପିନୋକିଓ୍ୱୋ ତାକୁ ଯାଇ କହିଲା, "ତମେ ମତେ ଦୁଇଟା ଫଳ ସେଥିରୁ ଖାଇବାକୁ ଦେବ କି ?"

ଲୋକଟି କହିଲା, "ହଁ, ନିଶ୍ଚୟ ଦେବି । କିନ୍ତୁ ତତେ ଏ ଗାଡ଼ିଟି ପଛରୁ ଟିକିଏ ଠେଲିବାକୁ ପଡ଼ିବ । ମୁଁ ଏକୁଟିଆ ଟାଣିପାରୁନି ।"

Digitized by srujanika@gmail.com

"ମତେ କ'ଣ ଗଧ ବୋଲି ଭାବିଲ କି ?" ପିନୋକିଓ୍ୱ ଏହା କହି ମୁହଁ ବୁଲାଇଦେଲା । ଲୋକଟି ପିନୋକିଓ୍ୱକୁ ଅନେକ ଗାଳି ଦେଇ ତା' ବାଟରେ ଚାଲିଗଲା ।

ଆଉ କିଛି ସମୟ ପରେ ସେ ଦେଖିଲା, ଗୋଟିଏ ମୋଟା ପରିବା-ବିକାଳି ଗୁଡ଼ାଏ ପରିବା ମୁଣ୍ଡରେ ବୋଝେଇ କରି ରାସ୍ତାରେ ଚାଲିଛି । ପିନୋକିଓ୍ୱ ତା' ପାଖକୁ ଯାଇ ଧୀରେ କହିଲା, "ଆଜ୍ଞା, ମୁଁ ବହୁତ ଭୋକିଲା । ମତେ କେତୋଟି ପଇସା ଯଦି ଦିଅନ୍ତେ, ତେବେ ମୁଁ କିଛି କିଣି ଖାଆନ୍ତି ।"

ପରିବାବିକାଳି ସାଙ୍ଗେ ସାଙ୍ଗେ କହିଲା, "ହଁ ହଁ ଦେବି —ଦଶ ପଇସା ଦେବି—କିନ୍ତୁ ତୁ ମୋର ଏ ବୋଝଟି ଟିକିଏ ମୁଣ୍ଡେଇ ନେଇପାରିବୁ କି ?"

"ଏ ବୋଝଟା ତ ବହୁତ ଭାରି ଭଳି ଦେଖାଯାଉଛି । ମୁଁ ଏଇଟା ବୋହିଲେ ହାଲିଆ ହୋଇଯିବିନି ?"

"ଆଚ୍ଛା, ତାହାହେଲେ ତତେ ଆହୁରି ଭଲକରି ଭୋକଲାଗିବ ।" ଏହା କହି ସେ ପରିବାବିକାଳି ରାଗି ତାକୁ ଠେଲିଦେଇ ଚାଲିଗଲା ।

ଧୀରେ ଧୀରେ ସମୟ ଗଡ଼ିଯାଉଥାଏ । ସକାଳ ଯାଇ ଦି'ପହର ହେଲା । ପିନୋକିଓ୍ୱ ଏହିପରି ରାସ୍ତାରେ ଯାଉଥିବା ସବୁ ଲୋକଙ୍କୁ ପଇସା ମାଗୁଥାଏ ; କିନ୍ତୁ ସମସ୍ତଙ୍କଠାରୁ ଗୋଟିଏ ପ୍ରକାର ଉତ୍ତର ପାଉଥାଏ । ସମସ୍ତେ ତାକୁ କହୁଥାନ୍ତି ଯେ ତୁ ବେଶ ସୁସ୍ଥ-ସବଳ ଅଛୁ —କାମ କରି ପଇସା କାହିଁକି ରୋଜଗାର କରୁନୁ ?"

ପିନୋକିଓ୍ୱ ଶେଷରେ ଦେଖିଲା ଗୋଟିଏ ସୁନ୍ଦର ସ୍ତ୍ରୀଲୋକ ଦୁଇ ହାତରେ ଦୁଇଟି ପାଣି-ବାଲ୍‌ଟି ଉଠାଇ ଚାଲିଥାଏ । ସେ ତାକୁ ଯାଇ କହିଲା, "ପିଇବା ପାଇଁ ଟିକିଏ ପାଣି ଦୟାକରି ଦେବ କି ?"

"ଖୁସିରେ ଦେବି, କିନ୍ତୁ ତତେ ଗୋଟିଏ ବାଲ୍‌ଟି ପାଣି ଆମ ଘରେ ନେଇ ପହଞ୍ଚାଇଦେବାକୁ ହେବ ।"

Digitized by srujanika@gmail.com

ପ୍ରଥମେ ପିନୋକିଓ୍ୱୋକୁ କାମଟି କଷ୍ଟକର ଲାଗିଲା; କିନ୍ତୁ ଏଣେ ଭୋକ ଓ ଶୋଷରେ ତା' ତୋଟି ଶୁଖିଯାଉଥାଏ। ସେ ଆଉ ସହି ନପାରି ସ୍ତ୍ରୀଲୋକଟି ପଛରେ ଦୌଡ଼ିଯାଇ ତାଙ୍କ ହାତରୁ ଗୋଟିଏ ବାଲ୍‌ଟି ନେଇଆସିଲା ଏବଂ ତାଙ୍କ ଘରେ ନେଇ ପହଞ୍ଚାଇଦେଲା।

ସ୍ତ୍ରୀଲୋକଟିର ରୋଷେଇଘରୁ ଖାଇବା ଜିନିଷର ବାସନା ଆସି ଆଖପାଖ ମହକି ଉଠୁଥାଏ। ପିନୋକିଓ୍ୱୋ ଆଉ ସମ୍ଭାଳି ନପାରି ସ୍ତ୍ରୀଲୋକଟିକୁ କହିଲା, "ଦୟାକରି ମତେ କିଛି ଖାଇବାକୁ ଦିଅ— ଏକ୍ଷଣି ଭୋକ ହେଲାଣି—ଆଉ ସମ୍ଭାଳିପାରୁନି।"

ସ୍ତ୍ରୀଲୋକଟିର ମନରେ ଦୟା ଆସିଲା। ତାକୁ ସେ କିଛି ଖାଇବାକୁ ଦେଲା। ପିନୋକିଓ୍ୱୋ ଖୁସିରେ ହାତ ରୁଟିଚିଂଟି ସବୁ ଖାଇଗଲା ଏବଂ ମୁଣ୍ଡ ଟେକି ପାଖରେ ଠିଆ ହୋଇଥିବା ସ୍ତ୍ରୀଲୋକଟିକୁ ଚାହିଁଲା। ସ୍ତ୍ରୀଲୋକଟିର ମୁଣ୍ଡରୁ ଓଢ଼ଣାଟି ସେତେବେଳକୁ ଖସିଯାଇଥାଏ। ତାକୁ ଦେଖି ପିନୋକିଓ୍ୱୋ ଚମକି ଉଠିଲା। ସେ ସ୍ତ୍ରୀଲୋକଟି ପ୍ରକୃତରେ ସେଇ ନୀଳ ପରୀ; ବଣରେ ଯାହ ସାଙ୍ଗରେ ତାର ଦେଖାହୋଇଥିଲା। ନୀଳ ପରୀଙ୍କୁ ସେଠାରେ ଦେଖି ପିନୋକିଓ୍ୱୋ ବହୁତ ଖୁସି ହେଲା। ଆନନ୍ଦରେ ତା' ଆଖିରୁ ଲୁହ ବୋହିଗଲା। ପରୀଠାରୁ ବିଦାୟ ନେବା ପରଠାରୁ ଏପର୍ଯ୍ୟନ୍ତ ଘଟିଥିବା ସବୁ ଘଟଣା ସେ ବର୍ଣ୍ଣନା କରି କହିଗଲା ଏବଂ ତାଙ୍କୁ ଅନୁରୋଧ କରି କହିଲା, "ପରୀରାଣୀ! ମତେ ତୁମେ ସତ ସତ ମଣିଷପିଲାଟିଏ କରିଦିଅ। ମୁଁ ଆଉ କୁଣ୍ଢେଇ ହୋଇ ରହିବାକୁ ଚାହୁଁନି। ଭାରି ବିରକ୍ତ ଲାଗିଲାଣି।"

"ତୁ ଚାହିଁଲେ ଏହା ଅସମ୍ଭବ କଥା ନୁହେଁ। କିନ୍ତୁ ତତେ ଶୀଘ୍ର ଭଲପିଲା ହେବାକୁ ହେବ; ଆଉ ନିୟମିତ ଭାବେ ସ୍କୁଲ୍‌କୁ ଯିବାକୁ ପଡ଼ିବ।"—ପରୀରାଣୀ କହିଲେ।

"ତୁମେ କେତେ ଭଲ, ପରୀରାଣୀ! ମୁଁ ଏଥର ତୁମକଥା ମାନି ଭଲପିଲା ହେବି; ସ୍କୁଲ୍‌କୁ ନିୟମିତ ଯିବି। ପରୀରାଣୀ, ମୁଁ କ'ଣ ମୋ

Digitized by srujanika@gmail.com

ବାପାଙ୍କୁ ଖୋଜି ପାଇବ ?"

"ସେଥିପାଇଁ ତୁ ବ୍ୟସ୍ତ ହୁଅନା ପିନୋକିଓ ! ତୁ ତାଙ୍କୁ ନିଶ୍ଚୟ ଖୋଜି ବାହାର କରିପାରିବୁ । କିନ୍ତୁ ତୋର ଯଦି ପ୍ରକୃତରେ କଣ୍ଟେଇରୁ ମଣିଷପିଲାଟିଏ ହେବାକୁ ଇଚ୍ଛା ଅଛି, ତେବେ ତତେ ବହୁତ ଭଲ କଥା ଶିଖିବାକୁ ପଡ଼ିବ ଏବଂ କାଲିଠାରୁ ନିୟମିତ ସ୍କୁଲକୁ ଯିବାକୁ ହେବ ।"

ତା'ପର ଦିନ ପିନୋକିଓ ସେ ଗାଁ ପିଲାଙ୍କ ସହିତ ମିଶି ସ୍କୁଲକୁ ଗଲା । ମାଳପରୀ ତାକୁ ନୂଆ ବହିଟିଏ ଦେଇଥିଲେ । ପିନୋକିଓ ସେ ବହିଟିକୁ ଯତ୍ନରେ କାଖତଳେ ଜାକି ଧରି ସ୍କୁଲକୁ ଯାଏ । ସେ କେବଳ ଯେ ନିୟମିତ ସ୍କୁଲକୁ ଗଲା, ତାହା ନୁହେଁ; ମନ ଦେଇ ପାଠ ମଧ୍ୟ ପଢ଼ିଲା । ତାକୁ ଦେଖିଲେ ସ୍କୁଲପିଲାମାନେ ବହୁତ ଖୁସି ହୁଅନ୍ତି । ତା' ହାତ ଗୋଡ଼ରେ ଦଉଡ଼ି ବାନ୍ଧି ତାକୁ ନଚାନ୍ତି । ପିନୋକିଓ ପ୍ରଥମେ ପ୍ରଥମେ ଏ ପ୍ରକାର ଖେଳ ଚୁପ୍‌ଚାପ୍ ସହିଗଲା ; କିନ୍ତୁ ଶେଷକୁ ଆଉ ତାର ଧୈର୍ଯ୍ୟ ରହିଲାନାହିଁ । ସେ ରାଗିଯାଇ ସେମାନଙ୍କୁ ଜୋରରେ ଏପରି ଲାତ ମାରିଲା ଯେ ସବୁ ପିଲା ପଡ଼ି ଉଠି ତା' ପାଖରୁ ଦୌଡ଼ି ଚାଲିଗଲେ ।

ପିନୋକିଓକୁ ସ୍କୁଲ୍‌କୁ ଯିବାକୁ ଧୀରେ ଧୀରେ ଖୁବ୍ ଭଲ ଲାଗିଲା । ମାଳପରୀଙ୍କୁ ସେ ନିଜ ମା'ଭଳି ମାନେ । ତାଙ୍କ କଥା ମାନି ସ୍କୁଲ୍‌କୁ ଯାଇ ପାଠ ପଢ଼ିଲା । କିନ୍ତୁ କେତୋଟି ଦୁଷ୍ଟ ପିଲାଙ୍କ ସେ ସାଙ୍ଗ କରିଥାଏ । ଥରେ କେତୋଟି ଦୁଷ୍ଟ ପିଲା ଆସି ପିନୋକିଓକୁ କହିଲେ, "ପିନୋକିଓ ! ତୁ ବଡ଼ ତିମିମାଛ ଦେଖିଛୁ ? ଚାଲ୍, ସମୁଦ୍ରକୂଳକୁ ଯାଇ ଦେଖିଆସିବା । ସମସ୍ତେ କହୁଛନ୍ତି ତିମି ମାଛଟି କୂଳରେ ଆସି ପହଞ୍ଚୁଛି ବୋଲି ।"

ସମୁଦ୍ରକୂଳରୁ ଥଣ୍ଡା ପବନ ବହୁଆସୁଥାଏ । ହଠାତ୍ ପିନୋକିଓକୁ ଝିଙ୍କାରିର କଥା ଶୁଣାଗଲା । ଝିଙ୍କାରିଟି କହୁଥାଏ,

Digitized by srujanika@gmail.com

—"ପିନୋକିଓ୍ୱୋ, ସାବଧାନ ! ବାପାଙ୍କ କଥା କ'ଣ ଭୁଲିଗଲୁଣି ? ବାପା ତତେ କହିଥିଲେ ନା, କେବେହେଲେ ଦୁଷ୍ଟ ପିଲାଙ୍କ ସାଙ୍ଗରେ ସାଙ୍ଗ ହେବା ଉଚିତ ନୁହେଁ ବୋଲି ? ମାଳପରୀ ପାଖରେ କରିଥିବା ପ୍ରତିଜ୍ଞା ମଧ୍ୟ ଭୁଲିଯାଉଛୁ, ନା ? ହଉ, ପଛକୁ ଭାବିବୁ ଯେ ।" ପିନୋକିଓ୍ୱୋ କାନରେ ହାତ ଦେଇଦେଲା ଏବଂ ଦୁଷ୍ଟ ସାଙ୍ଗମାନଙ୍କୁ ପଚାରିଲା, "ସମୁଦ୍ରକୂଳକୁ ଚାଲିଗଲେ ଏଣେ ସ୍କୁଲ୍‌କୁ କିଏ ଯିବ ?"

"ଆରେ, ସ୍କୁଲ୍‌କୁ ଦିନେ ନଗଲେ କ'ଣ ହୋଇଯାଉଛି ? କାଲିକି ଯିବୁ । ଆଜି ନଗଲେ ଆଉ କ'ଣ ତିମିମାଛକୁ ଦେଖିପାରିବୁ ? ଏମିତିକା ସୁଯୋଗ କ'ଣ ଜୀବନରେ ବାରମ୍ବାର ଆସେ ? ଚାଲ୍ ଏଥର ଯିବା ।"

ପିନୋକିଓ୍ୱୋ ସେମାନଙ୍କ କଥାରେ ଭୁଲିଗଲା ଏବଂ ଦୁଷ୍ଟ ସାଙ୍ଗମାନଙ୍କ ସାଙ୍ଗରେ ମିଶି ସମୁଦ୍ରକୂଳ ଆଡ଼କୁ ଦୌଡ଼ି ଚାଲିଲା । ସେ ସମସ୍ତଙ୍କଠାରୁ ପ୍ରଥମେ ଯାଇ କୂଳରେ ପହଞ୍ଚିଲା ସମୁଦ୍ରକୂଳରେ ପହଞ୍ଚି ସମସ୍ତେ ତିମିମାଛକୁ ଖୋଜିଲେ—କିନ୍ତୁ କେହି ଦେଖିପାଇଲେ ନାହିଁ ।

ପ୍ରକୃତରେ ସେ ଦୁଷ୍ଟ ପିଲା କେତୋଟି ପିନୋକିଓ୍ୱୋକୁ ମିଛ କହି ସେଠାକୁ ଡାକିଆଣିଥିଲେ । କିଛି ସମୟ ପରେ ସେଠାରେ ସେ ଦୁଷ୍ଟ ପିଲାଙ୍କ ଭିତରେ ଝଗଡ଼ା ଆରମ୍ଭ ହୋଇଗଲା । ସେମାନଙ୍କ ଭିତରୁ ଗୋଟିଏ ପିଲା ତା'ର ଗୋଟିଏ ମୋଟା ବହି ଧରି ପିନୋକିଓ୍ୱୋର ମୁଣ୍ଡକୁ ଲକ୍ଷ୍ୟ କରି ମାରିଲା । କିନ୍ତୁ ତା'ର ଲକ୍ଷ୍ୟ ଠିକ୍ ନଥିବାରୁ ବହିଟି ପିନୋକିଓ୍ୱୋ ମୁଣ୍ଡରେ ନ ବାଜି ଆଉ ଗୋଟିଏ ପିଲାର ମୁଣ୍ଡରେ ଯାଇ ବାଜିଲା । ପିଲାଟି ସାଙ୍ଗେ ସାଙ୍ଗେ ଅଚେତ ହୋଇ ତଳେ ପଡ଼ିଗଲା । ସେତିକିବେଳେ ଦୂରରେ ପୁଲିସ୍‌ର ହୁଇସିଲ୍ ଶବ୍ଦ ଶୁଣାଗଲା ଏବଂ ଗୁହୁଁ ଗୁହୁଁ ସେମାନେ ସେଠାରେ ଆସି ପହଞ୍ଚିଗଲେ । ସାଙ୍ଗର କ'ଣ ହେଲା ଜାଣିବା ପାଇଁ ପିନୋକିଓ୍ୱୋ ସେତିକିବେଳେ ମୂର୍ଚ୍ଛା ହୋଇ ପଡ଼ିଥିବା ପିଲାଟିର ପାଖରେ ଆଣ୍ଠେଇ-

Digitized by srujanika@gmail.com

ପଡ଼ ତାକୁ ଦେଖିଥାଏ । ଏହିପରି ଅବସ୍ଥାରେ ପୁଲିସ୍ ତାକୁ ଦୋଷୀ ଭାବି ଧରିନେଲେ;ଅଥଚ ବିଚରାର କିଛି ଦୋଷ ନଥିଲା ସେଥିରେ । ପିନୋକିୟୋ ଆଉ କିଛି ଉପାୟ ନପାଇ ତାକୁ ଧରିଥିବା ପୁଲିସ୍‌ର ହାତକୁ ଜୋରରେ ଗୁଣ୍ଡି ଦେଇ ଏକମୁହାଁ ହୋଇ ଦୌଡ଼ିଲା । ପୁଲିସମାନେ ବି ଏତେ ସହଜରେ ଛାଡ଼ିଦେବା ଲୋକ ନୁହନ୍ତି । ସେମାନେ ତାକୁ ଧରିବାପାଇଁ ତାଙ୍କ କୁକୁରକୁ ତା' ପଛରେ ସାଂଗେ ସାଂଗେ ଦୌଡ଼ାଇଦେଲେ ।

ପିନୋକିୟୋ ଦୌଡ଼ି ଯାଇ ଗୋଟିଏ ଟ୍ରେଞ୍ଚ ପାହାଡ଼ଉପରେ ଚଢ଼ିଗଲା ଏବଂ ସେଠାରୁ ସମୁଦ୍ରକୁ ଡେଇଁପଡ଼ିଲା । ତା' ପଛେ ପଛେ କୁକୁରଟି ମଧ୍ୟ ସେହିପରି ସମୁଦ୍ର ଡେଇଁପଡ଼ିଲା । କିନ୍ତୁ ସେ କୁକୁରଟି ଏ ଭୟଙ୍କର ସମୁଦ୍ରରେ ଜମା ପହଁରିପାରିଲାନି ଏବଂ ଧୀରେ ଧୀରେ ବୁଡ଼ିବାକୁ ଲାଗିଲା । କୁକୁରଟି ବିକଳ ହୋଇ ପିନୋକିୟୋକୁ ଡାକ ପକାଇଲା—"ପିନୋକିୟୋ ! ଦୟାକରି ମତେ ସାହାଯ୍ୟ କର । ମୁଁ ବୁଡ଼ିଯାଉଛି । ଭଗବାନ୍ ତୁମର ମଂଗଳ କରିବେ ।"

ପିନୋକିୟୋ ପ୍ରଥମେ କୁକୁରର ମିନତି ଶୁଣି ନ ଶୁଣିଲା ଭଳି ରହିଲା । ତା'ପରେ ତାର ମନରେ ଟିକିଏ ଦୟା ଆସିଲା । କିନ୍ତୁ ବିଚରା କ'ଣ କରିବ କିଛି ବୁଝିପାରିଲାନି । ଯଦି ସେ କୁକୁରଟିକୁ ରକ୍ଷାକରେ, ତେବେ କୁକୁର ତାକୁ ପୁଲିସ ପାଖକୁ ନେଇଯିବ । ଏଣେ କୁକୁରଟିର ମୃତ୍ୟୁ ଆଖିସାମନାରେ ଦେଖିହାରୁନି—ମନରେ ଦୟା ଆସୁଛି । ଏ କଥା ଭାବି ସେ କୁକୁରଟିକୁ ପଚାରିଲା, "କୁକୁର ଭାଇ, ମୁଁ ତୁମକୁ ସାହାଯ୍ୟ କରିବି; କିନ୍ତୁ ଗୋଟିଏ ସର୍ତ୍ତରେ ଯେ ତୁମେ ମତେ ଧରିବା ପାଇଁ ଆଉ ଦୌଡ଼ିବନି ।" କୁକୁରଟି ବିକଳ ହୋଇ କହିଲା, "ପିନୋକିୟୋ ! ମୁଁ ପ୍ରତିଜ୍ଞା କରୁଛି ଯେ ମୁଁ ତୁମକୁ ଧରିବା ପାଇଁ ଆଉ ଦୌଡ଼ିବନି ।"

Digitized by srujanika@gmail.com

ପିନୋକିୟୋ ଏଥର ଖୁସିରେ ସାଙ୍ଗେ ସାଙ୍ଗେ କୁକୁର ଆଡ଼କୁ ପହଁରିଗଲା ଏବଂ ତା' ଲାଞ୍ଜଟିକୁ ଜୋର୍‌ରେ ଧରି ଟାଣି ଟାଣି କୂଳକୁ ନେଇଆସିଲା; ଆଉ କହିଲା, "ବିଦାୟ କୁକୁର ଭାଇ ! ମୁଁ ଏଥର ମୋ ରାସ୍ତାରେ ଯାଉଛି, ତୁମେ ତୁମର ଯାଅ ।"

"ଧନ୍ୟବାଦ୍ ପିନୋକିୟୋ ଭାଇ ! ମୁଁ ବିଦାୟ ନେଉଛି । ଆଜ ତୁମେ ମୋ ଜୀବନ ରକ୍ଷା କରି ମୋର ଅନେକ ଉପକାର କଲ । ମୁଁ ଦିନେ ତୁମର ଉପକାର କରି ଏ ଋଣରୁ ମୁକ୍ତ ହେବି ବୋଲି ଆଶା କରୁଛି ।" ଏହା କହି କୁକୁର ତା' ରାସ୍ତାରେ ଚାଲିଗଲା ।

କଣ୍ଢେଇ ପିନୋକିୟୋ ତା'ପରେ ପୁଣି ସମୁଦ୍ରକୁ ଡେଇଁ ପଡ଼ିଲା । ଏଥର ସେ ଅନେକଗୁଡ଼ିଏ ମାଛଙ୍କ ଭିତରେ ପହଁରୁଥିଲା ଭଳି ତାକୁ ମନେହେଲା । ପ୍ରକୃତରେ ସେ ଗୋଟିଏ ମସ୍ତବଡ଼ ଜାଲ ଭିତରକୁ ଡେଇଁପଡ଼ିଥିଲା ଓ ଜାଲ ଭିତରେ ମାଛମାନଙ୍କ ସହିତ ବନ୍ଦୀ ହୋଇଯାଇଥିଲା । ସେ ଅନେକ ଚେଷ୍ଟା କଲା ଜାଲ ଭିତରୁ ବାହାରିବାପାଇଁ—କିନ୍ତୁ ତାର ସମସ୍ତ ଚେଷ୍ଟା ବୃଥାହେଲା ।

କିଛି ସମୟ ପରେ କେଉଟ ଜାଲଟିକୁ ପାଣିରୁ ବାହାରକରି ପାହାଡ଼ର ଗୋଟିଏ ଅନ୍ଧାରୁଆ ଗୁମ୍ଫା ଭିତରକୁ ନେଇଗଲା । କେଉଟ ଗୋଟିଏ ବଡ଼ ଚୂଲିରେ ବଡ଼ କରେଇଟିଏ ବସାଇ ମସଲା କଷିଲା । ଭଜା ମସଲାର ବାସନାରେ ପିନୋକିୟୋ ପାଟିରୁ ଏଣେ ଲାଳ ଗଡ଼ିଆସୁଥାଏ । କେଉଟ ଜାଲ ପାଖକୁ ଆସି ଗୋଟିଏ ବଡ଼ ମାଛ ବାହାରକରି ମସଲା ଗୋଳେଇ କରେଇରେ ଛାଡ଼ିଦେଲା । ଏହିପରି ଗୋଟିଏ ଗୋଟିଏ ମାଛ ଜାଲରୁ କାଢ଼ି କେଉଟ ଭାଜିବାକୁ ଲାଗିଲା । ପିନୋକିୟୋ ଜାଲ ଭିତରେ ଥାଇ ଏ ଦୃଶ୍ୟ ଦେଖି ଡରରେ ଥରଉଠୁଥାଏ । କେଉଟ ଏଥର ଆସି ଜାଲ ଭିତରେ ହାତ ପୂରାଇ ପିନୋକିୟୋକୁ ବାହାରକଲା । ତାକୁ ଦେଖି କେଉଟ ଟିକିଏ ଆଶ୍ଚର୍ଯ୍ୟ

Digitized by srujanika@gmail.com

ହୋଇ କହିଲା, "ଏଇଟା ପୁଣି ଗୋଟାଏ କି ପ୍ରକାର ମାଛ ମ ? ମୁଁ ଏପର୍ଯ୍ୟନ୍ତ ଏଭଳି ମାଛ କେବେ ଦେଖିନଥିଲି ।"

ପିନୋକିଓ କହିଲା, "ମୁଁ ମାଛ ନୁହେଁ । ଦୟାକରି ମତେ ଛାଡ଼ିଦିଅ ।" କିନ୍ତୁ କେଉଟର କାନରେ ପିନୋକିଓର ଏ ବଚନ କାହଣା ପହଞ୍ଚିପାରୁନଥାଏ । କେଉଟ ତାକୁ ଅନ୍ୟ ମାଛଙ୍କ ଭଳି ମସଲାରେ ଗୋଳାଇ କରେଇରେ ଠିକ୍ ପକାଇବାକୁ ଯାଉଥାଏ ଏଣେ ପିନୋକିଓ ହାତ ଗୋଡ଼ ଛାଟି ସାହାଯ୍ୟ ପାଇଁ ଡାକ-ଛାଡ଼ୁଥାଏ — ଏହି ସମୟରେ ଯୋଗକୁ ପୁଲସ୍ କୁକୁରଟି ଭୋକରେ ଆଉଟୁ ପାଉଟୁ ହୋଇ କ'ଣ ଖାଇବ ବୋଲି ଖୋଜି ଖୋଜି ସେଠାରେ ଆସି ପହଞ୍ଚିଗଲା । ମାଛଭଜା ବାସନା ଶୁଂଘି ଶୁଂଘି ସେ ଗୁମ୍ଫା ପାଖରେ ଯାଇ ପହଞ୍ଚିଲା । ପିନୋକିଓର ପାଟି ଶୁଣି କୁକୁରଟି ଗୁମ୍ଫାଭିତରକୁ ଦୌଡ଼ିଗଲା ଏବଂ ଗୋଟିଏ ଝାମ୍ପରେ କେଉଟ ହାତରୁ ପିନୋକିଓକୁ ଟାଣିଆଣି ପାଟିରେ ଧରି ଅନେକ ବାଟ ଦୌଡ଼ିଗଲା । କିଛିବାଟ ଗଲା ପରେ ପିନୋକିଓକୁ ଛାଡ଼ିଦେଲା ଏବଂ ଦରକାର ସମୟରେ ପିନୋକିଓର ସାହାଯ୍ୟ କରିପାରିଥିବାରୁ ଖୁସିରେ ତା' ସାଙ୍ଗରେ ହାତ ମିଳାଇ କହିଲା, "ଆମେ ଦୁହେଁ ଦୁହିଁଙ୍କୁ ଏହିପରି ସବୁବେଳେ ସାହାଯ୍ୟ କରିବା ।" ପିନୋକିଓ ମଧ୍ୟ ଏଥିରେ ଖୁସିରେ ରାଜି ହେଲା । କୁକୁରଠାରୁ ବିଦାୟ ନେଇ ସେ ଅବିଳମ୍ବେ ସେ ଜାଗା ଛାଡ଼ି ଚାଲିଗଲା ।

ପିନୋକିଓ ଚାଲି ଚାଲି ଯାଇ ପୁଣି ସମୁଦ୍ରକୂଳରେ ପହଞ୍ଚିଲା । ସେଠାରେ ଦେଖିଲା ଗୋଟିଏ ବୁଢ଼ା ହାତରେ ଅଙ୍କାବଙ୍କା ବାଡ଼ିଟିଏ ଧରି ଠିଆହୋଇଛି । ତା' ପାଖକୁ ଯାଇ ପିନୋକିଓ ପଚାରିଲା, ଆଜି ସକାଳେ "ଗଣ୍ଡଗୋଳରେ ଯେଉଁ ପିଲାଟି ମୂର୍ଚ୍ଛା ହୋଇଯାଇଥିଲା, ସେ କେମିତି ଅଛି ?"

Digitized by srujanika@gmail.com

"ହଁ, ସେ ପିଲାଟି ଏବେ ଭଲ ଅଛି । ଅଳ୍ପ ସମୟ ପରେ ତା' ଚେତା ଫେରିଆସିଥିଲା । ପିନୋକିଓ ବୋଲି ତା'ର ଜଣେ ଦୁଷ୍ଟ ସାଙ୍ଗ ଏମିତି କଲା । ସେ ତା' ଉପରକୁ ଗୋଟିଏ ମୋଟା ବହି ଫିଙ୍ଗିଦେଇ ଦୌଡ଼ି ଚାଲିଗଲା । ବହିଟି ପିଲାର ମୁଣ୍ଡରେ ଜୋର୍‌ରେ ବାଜିବାରୁ ସେ ମୂର୍ଚ୍ଛା ହୋଇଯାଇଥିଲା ।"

ପିନୋକିଓ କହିଲା—"ନା, ନା, ଆପଣଙ୍କୁ କେହି ଭୁଲ ଖବର ଦେଇଛି । ପିନୋକିଓକୁ ମୁଁ ଭଲଭାବେ ଜାଣେ । ସେ ଖୁବ ଭଲପିଲା । ପଢ଼ାପଢ଼ି କରିବାରେ ମଧ୍ୟ ତା'ର ବହୁତ ଆଗ୍ରହ । ତା'ର ବାପାଙ୍କ କଥା ସେ ସବୁବେଳେ ମାନେ । ସେ ଏପରି କାମ କେବେ କରିନଥିବ ।"

ପିନୋକିଓ ପାଟିରୁ ଏତକ ମିଛ କଥା ଯେମିତି ବାହାରିଛି ତା' ନାକଟି ପୁଣି ପୂର୍ବ ଭଳି ବଢ଼ିବାକୁ ଲାଗିଲା । ନାକ ବଢ଼ିବା ଦେଖି ପିନୋକିଓ କାନ୍ଦପକାଇଲା । ସେ ବୁଢ଼ାକୁ କହିଲା "ନା, ନା, ମୁଁ ଆପଣଙ୍କୁ ଯାହା ଯାହା କହିଲି କିଛି ବିଶ୍ୱାସ କରନ୍ତୁ ନାହିଁ । ପିନୋକିଓ ଖୁବ ଦୁଷ୍ଟ ପିଲା । ଏକ ନମ୍ବର ଅଳସୁଆ । ତା' ହାତରେ କିଛି କାମ ହୁଏ ନାହିଁ ।"

ସତ କହିବାମାତ୍ରେ ପୁଣି ତା' ନାକ ପୂର୍ବପରି ଠିକ୍ ହୋଇଗଲା ଏବଂ ସେ ସେହି ବୁଢ଼ାଠାରୁ ବିଦାୟ ନେଇ ପୁଣି ଚାଲିଲା । ଧୀରେ ଧୀରେ ଦିନ ଯାଇ ରାତି ହେଲା । ପିନୋକିଓ ଚାଲିଥାଏ । ଏଣେ ବର୍ଷା ପଡ଼ିବା ଆରମ୍ଭ ହୋଇଗଲା । ପିନୋକିଓ ଦେହରେ କେଉଁଠି ବୋଳିଥିବା ମସଲାସବୁ ବର୍ଷାପାଣିରେ ଧୋଇହୋଇଗଲା । ଘରଘର ସେଠାରୁ ଅନେକ ବାଟ । ଘରଘରେ ପହଞ୍ଚୁ ପହଞ୍ଚୁ ପିନୋକିଓର ଦେହ ବର୍ଷାରେ ଓଦା ହୋଇ ବରଫ ଭଳି ଥଣ୍ଡା ହୋଇଯାଇଥାଏ । ଘରଘର ଦୁଆରେ ପହଞ୍ଚି ପିନୋକିଓ ଦୁଆର ଠକ୍ ଠକ୍ କଲା ।

Digitized by srujanika@gmail.com

ଅନେକ ସମୟ ପର୍ଯ୍ୟନ୍ତ କେହି ଶୁଣିଲେନି । ପିନୋକସ୍ୱୋ ସେମିତି ବାହାରେ ଓଦା ଜୁଡ଼ୁବୁଡ଼ୁ ହୋଇ ଶୀତରେ ଥରୁଥାଏ, ପରୀରାଣୀର ଘୁଙ୍କରାଣୀକୁ ଅପେକ୍ଷା କରି ପିନୋକସ୍ୱୋ ଠିଆ-ହୋଇଥାଏ ।

ରାତି ଯାଇ ପାହାନ୍ତିଆ ହୋଇଆସିଲା । ପିନୋକସ୍ୱୋ ଆଉ ଧୈର୍ଯ୍ୟ ଧରି ରହିପାରିଲାନି । ସେ ରାଗିଯାଇ ଦେହର ସବୁ ବଳ ଲଗାଇ ଦୁଆରକୁ ଗୋଟିଏ ଲାତ ମାରିଲା । ଦୁଆର ଖୋଲିବା ତ ଦୂରର କଥା, ବରଂ ଦୁଆରରେ ଗୋଟିଏ କଣା ହୋଇ ପିନୋକସ୍ୱୋର ଗୋଡ଼ଟି ସେଥିରେ ପଶିଗଲା । ସେ ଅନେକ ଚେଷ୍ଟା କଲା ଗୋଡ଼ଟିକୁ ବାହାର କରିବା ପାଇଁ; କିନ୍ତୁ ବିଫଳ ହେଲା । ତାର ଗୋଟିଏ ଗୋଡ଼ କଣାରେ ଓହଳି ରହିଲା ତ ଆଉ ଗୋଟିଏ ତଳେ । ସକାଳ ପର୍ଯ୍ୟନ୍ତ ପିନୋକସ୍ୱୋ ସେହିଭଳି ଅବସ୍ଥାରେ ଓହଳି ରହିଥାଏ । ବିଚରା ବହୁତ କଷ୍ଟ ପାଇଲା ।

ସକାଳେ ପରୀରାଣୀଙ୍କ ସାଙ୍ଗରେ ପିନୋକସ୍ୱୋର ଦେଖାହେଲା । ତା'ର ମନ ଦୁଃଖିତ ଥାଏ । ପରୀରାଣୀଙ୍କ ସାଙ୍ଗରେ ମିଶି ଜଳଖିଆ ଖାଇଲାବେଳେ ପିନୋକସ୍ୱୋ ପ୍ରତିଜ୍ଞା କଲା ଯେ, ଆଜିଠାରୁ ସେ ନିଶ୍ଚୟ ଭଲପିଲା ହେବ—ଯାହା କିଛି ବାଧାବିଘ୍ନ ଆସିଲେ ବି ସେ ବଦଳିବ ନାହିଁ ।

ଏଥର ପିନୋକସ୍ୱୋ ମନପ୍ରାଣ ଦେଇ ତା' ପ୍ରତିଜ୍ଞା ରକ୍ଷା କଲା ଓ ନିୟମିତ ଭାବେ ପଢ଼ାପଢ଼ି କଲା । ବାର୍ଷିକ ପରୀକ୍ଷାରେ ସେ ସବୁପିଲାଙ୍କ ମଧ୍ୟରେ ବେଶି ନମ୍ବର ରଖି ପାଶ୍ କଲା । ପରୀରାଣୀ ପିନୋକସ୍ୱୋର ଏ ପ୍ରକାର ପରିବର୍ତ୍ତନରେ ବହୁତ ଖୁସି ହେଲେ ଏବଂ ତାକୁ ପାଖକୁ ଡାକି ସ୍ନେହରେ କହିଲେ, "ପିନୋକସ୍ୱୋ, କାଲି ତୋର ଇଚ୍ଛା ପୂର୍ଣ୍ଣ ହୋଇଯିବ । କାଲିଠାରୁ ତୁ ଆଉ ଜଅନ୍ତା କଣ୍ଢେଇ ହୋଇ

Digitized by srujanika@gmail.com

ରହିବୁ ନାହିଁ—ଅନ୍ୟ ପିଲାଙ୍କ ଭଳି ତୁ ଗୋଟିଏ ପ୍ରକୃତ ମଣିଷପିଲା ହୋଇଯିବୁ ।” ପିନୋକିଓ ଏ କଥା ଶୁଣି ଖୁସିରେ ନାଚଗଲା । ତା’ପରେ ଯାହା ଘଟଣା ଘଟିଲା ସେଥିରେ ତା’ ଭାଗ୍ୟ ପୁରି ବଦଳି ଗଲା ।

ପିନୋକିଓର ଗୋଟିଏ ସ୍କୁଲ୍-ସାଙ୍ଗ ଥାଏ । ଏ ପିଲାଟିର ପଢ଼ାପଢ଼ିରେ ଜମା ମନ ନଥାଏ । କେବଳ ବାଧ୍ୟ ହୋଇ ସେ ସ୍କୁଲ୍‌କୁ ଯାଉଥାଏ । ତା’ ନାଁ ହେଉଛି ଡେଙ୍ଗୁ । ଡେଙ୍ଗୁର ନାଁଟି ତା’ ରୂପକୁ ଦେଖି ହିଁ ଦିଆଯାଇଥିଲା । ଦେହଟି ବାଉଁଶ କାଠି ଭଳି ଲମ୍ବା ଏବଂ ସରୁ । ଡେଙ୍ଗୁର ପାଟିଟି ବହୁତ ଓ୍ୱେଠ—ତାହା ପୁଣି ସବୁବେଳେ ଅପରିଷ୍କାର ଥାଏ । ସେ କେବେହେଲେ ଗାଧୁଆଏ ନାହିଁ । ଏ ସବୁ ସତ୍ତ୍ୱେ ପିନୋକିଓ କେଜାଣି କାହିଁକି ଏ ସାଙ୍ଗଟିକୁ ବହୁତ ଭଲ-ପାଏ । ସେ ଦିନ ବାଟରେ ପିନୋକିଓ ଦେଖିଲା ଡେଙ୍ଗୁ ରାସ୍ତା-କଡ଼ରେ ଗୋଟିଏ ଗଛ ମୂଳରେ ଲୁଚି ବସିଛି । ତା’ ପାଖକୁ ଯାଇ କାରଣ ପଚାରି ଜାଣିଲା ଯେ ସେ ଘରୁ ଲୁଚି ପଳାଇଆସିଛି ଏବଂ ସେ ଗାଁ ଛାଡ଼ି ଅନ୍ୟ କେଉଁ ଜାଗାକୁ ଚାଲିଯିବା ପାଇଁ ମନସ୍ଥ କରୁଛି । ଡେଙ୍ଗୁ ପିନୋକିଓ କାନରେ ଫୁସ୍ ଫୁସ୍ କରି କହିଲା, “ପିନୋକିଓ, ଜାଣୁ ମୁଁ ଯେଉଁ ଜାଗାକୁ ଯାଉଛି ସେଠାରେ ଗୋଟିଏ ହେଲେ ସ୍କୁଲ୍ ନାହିଁ । ବର୍ଷ ସାରା ଛୁଟି । କେବେହେଲେ ପାଠ ପଢ଼ିବାକୁ ପଡ଼ିବନି । ତୁ ମୋ ସାଙ୍ଗରେ ଯିବୁ ? ତୁ ଗଲେ ଭାରି ମଜା ହୁଅନ୍ତା । ଦୁହେଁ ମିଶି ଦିନସାରା ଖେଳନ୍ତେ ।”

ପିନୋକିଓକୁ ପାଠ ପଢ଼ାପଢ଼ି କରିବାକୁ ଭଲ ଲାଗୁଥିଲେ ମଧ୍ୟ ଏ ଖବରଟି ଶୁଣି ତା’ ମନ ଟିକିଏ ବଦଳିଗଲା ଏବଂ ଡେଙ୍ଗୁକୁ ପଚାରିଲା—“ସେ ଜାଗାଟି କେଉଁଠି ?”

“ତୁ ମୋ ସାଙ୍ଗରେ ଆସେ; ମୁଁ ତତେ ସେଠାକୁ ନେଇଯିବି ।” ଡେଙ୍ଗୁ ଉତ୍ତର ଦେଲା ।

Digitized by srujanika@gmail.com

ଧୀରେ ଧୀରେ ରାତ୍ର ବଢ଼ିବାକୁ ଲାଗିଲା । ପିନୋକସ୍ୱୋ ଦେଖିଲା ଜୁଳୁଜୁଳିଆ ପୋକ ଗଞ୍ଜାହୋଇଥିବା ଗୋଟିଏ ଲଣ୍ଠନ ତାଙ୍କର ଆଡ଼କୁ ଆସୁଛି । ସେ ଲଣ୍ଠନଟି ଧରି ସେଇ ପୁରୁଣା ଝିଙ୍କାରିଟି ପିନୋକସ୍ୱୋ ଆଡ଼କୁ ଆସିଲା ଏବଂ କହିଲା, "ପିନୋକସ୍ୱୋ ! ଫେରିଚାଲ୍, ଫେରି-ଚାଲ୍ । ମୂର୍ଖଙ୍କ ଭଳି କାମ କରନା ।" ଏତିକିବେଳେ ଗୋଟିଏ ସୁନ୍ଦର ଗାଡ଼ି ଆସିବାର ଦୂରରୁ ଦେଖାଗଲା । ସେ ଗାଡ଼ିକୁ ଛଅ ହଳ ଗଧ ଟାଣୁଥାନ୍ତି । ଗଧମାନଙ୍କ ଖୁରାର ଶବ୍ଦ ରାତିରେ ଠକ୍ ଠକ୍ ହୋଇ ଶୁଣାଯାଉଥାଏ । ପିନୋକସ୍ୱୋ ଢେଙ୍ଗୁକୁ କହିଲା, "ନା, ଭାଇ ! ତୁ ଯା, ମୁଁ ଘରକୁ ଯାଉଛି ।" ଏକଥା ପିନୋକସ୍ୱୋ ମୁହଁରେ କହିଲା ସିନା, କିନ୍ତୁ ତା' ଗୋଡ଼ ଦୁଇଟି ଠିଆହେବା ଜାଗାରୁ ଘୁଞ୍ଚୁନଥାଏ । ଢେଙ୍ଗୁ କହିଲା' "ଆଚ୍ଛା, ତୁ ନ ଗଲେ ନାହିଁ; କିନ୍ତୁ ମୁଁ ଏଠାରୁ ଗଲା ପର୍ଯ୍ୟନ୍ତ ଟିକିଏ ଅପେକ୍ଷା କର—ତା'ପରେ ଘରକୁ ଚାଲିଯିବୁ । ଦେଖ କେତେ ପିଲା ଖୁସିରେ ସେ ଗାଡ଼ିରେ ବସି ଚାଲିଛନ୍ତି ।" ଢେଙ୍ଗୁ କିନ୍ତୁ ଏ କଥାଟି ମିଛରେ କହିଲା । ଗାଡ଼ିରେ ଗୋଟିଏ ହେଲେ ପିଲା ନଥିଲେ ।

ଏତିକିବେଳେ ଗାଡ଼ିବାଲା ପଚାରିଲା, "ଏ ପିଲା, ଶୀଘ୍ର ବସେ —ନହେଲେ ମୁଁ ଚାଲିଯିବି ।" ଗାଡ଼ିରେ କିନ୍ତୁ କେବଳ ଢେଙ୍ଗୁ ପାଇଁ ହିଁ ଗୋଟିଏ ଜାଗା ଥାଏ । ପିନୋକସ୍ୱୋ ଆଉ ସମ୍ଭାଳି ନପାରି ହଠାତ୍ କହିଲା,—"ଢେଙ୍ଗୁ, ଟିକିଏ ରହ । ମୁଁ ବି ତୋ ସାଙ୍ଗରେ ଯିବି ।" ଏହା କହି ଆଖି ପିଛୁଳାକରେ ସେ ଯାଇ ଗୋଟିଏ ଗଧର ପିଠିରେ ବସିଗଲା । କିନ୍ତୁ ଏହା କହିଲାବେଳେ ମନେ ମନେ ଆଶ୍ଚର୍ଯ୍ୟ ହେଉଥାଏ ଯେ ସେ କିପରି ଏହା କହି ଏମାନଙ୍କ ସାଙ୍ଗରେ ଯାଇ-ପାରୁଛି । ତା'ପରେ ପୁଣି ଭାବି ଖୁସିହେଲା ଯେ, ସେଠାରେ କେବଳ ଖେଳିବା ଛଡ଼ା ଅନ୍ୟ କିଛି କାମ ନାହିଁ—ନା ସ୍କୁଲ୍ ଅଛି, ନା ପାଠ-ପଢ଼ା—ଦିନସାରା କେବଳ ଖେଳିବ ।

Digitized by srujanika@gmail.com

ଏହିପରି ଯାଉ ଯାଉ ହଠାତ୍ ପିନୋକେ଼ୟୋ ଯେଉଁ ଗଧ ଉପରେ ବସିଥିଲା ସେ ଗଧଟି ତା' ପଛ ଗୋଡ଼ ଦୁଇଟି ଉଠାଇ ପିନୋକେ଼ୟୋକୁ ତଳେ ପକାଇଦେଲା । ପିନୋକେ଼ୟୋ ଉଠି ପୁଣି ଗଧ ଉପରେ ଚଢ଼ିବାକୁ ଚେଷ୍ଟାକଲା । ସେତିକିବେଳେ ଗଧଟି ପିନୋକେ଼ୟୋ ଆଡ଼କୁ ମୁହଁ ବୁଲାଇ କହିଲା, "ତୁ ଗୋଟିଏ ନିତାନ୍ତ ମୂର୍ଖ ପିଲା । ମୁଣ୍ଡରେ ତୋର କେବଳ ଗୋବର ଭର୍ତ୍ତି ହୋଇଛି ।" ପିନୋକେ଼ୟୋ କିଛି ବୁଝିପାରିଲା ନାହିଁ; କେବଳ ଆଶ୍ଚର୍ଯ୍ୟ ହୋଇ ଗଧଟିକୁ ଚାହିଁ-ଥାଏ । ଦେଖିଲା ଗଧଟି ପିଲାମାନଙ୍କ ଭଳି ତା' ଗୋଡ଼ରେ ଜୋତା ପିନ୍ଧିଛି ଏବଂ ପିଲାଙ୍କ ଭଳି ତା' ଆଖିରୁ ଲୁହ ମଧ୍ୟ ବୋହୁଛି । ଏପରି ଅସାଧାରଣ ଗଧଟିଏ ଦେଖି ସେ ବହୁତ ଆଶ୍ଚର୍ଯ୍ୟ ହୋଇଗଲା । ସକାଳ ହେଲା ବେଳକୁ ସେମାନେ ନୂଆଁ ଜାଗାଟିରେ ପହଞ୍ଚିସାରି-ଥାନ୍ତି । ରାସ୍ତାକଡ଼ ଲେଖାରୁ ସେ ଜାଗାଟିର ନାଁ ଜଣାଗଲା ଯେ ସେଇଟା 'ମୂର୍ଖରାଜ୍ୟ' ।

ମୂର୍ଖରାଜ୍ୟରେ ପହଞ୍ଚି ପିନୋକେ଼ୟୋ ଓ ଡେଙ୍ଗା ଗାଡ଼ିରୁ ଓହ୍ଲାଇ ପଡ଼ିଲେ । ପିନୋକେ଼ୟୋ ଦେଖିଲା ସେଠାରେ ଦଳଦଳ ହୋଇ କେବଳ ପିଲାମାନେ ଖୁସିରେ ଖେଳୁଥାନ୍ତି ଏବଂ ଭୋକ ଲାଗିଲେ ଡସ୍କୁଟ୍, ଚକଲେଟ୍ ଖାଇ ପୁଣି ଖେଳରେ ମାତିଯାଉଥାନ୍ତି । ଆଉ ଟିକିଏ ଆଗକୁ ଯାଇ ପିନୋକେ଼ୟୋ ଗୋଟିଏ ସୁନ୍ଦର ଝରଣା ବୋହୁଥିବା ଦେଖି ସେଆଡ଼କୁ ଗଲା । ସେ ଝରଣାରେ ପାଣି ବଦଳରେ ମିଠା ମିଠା ସରବତ୍ ପାଣି ବୋହିଯାଉଥାଏ । ଏପରି ଏକ ଅସାଧାରଣ ଝରଣା ଦେଖି ସେ ପ୍ରଥମେ ଆଶ୍ଚର୍ଯ୍ୟ ହୋଇଗଲା । ତା' ପରେ ଝରଣା କୂଳରେ ବସି ଅନେକ ସମୟ ପର୍ଯ୍ୟନ୍ତ ମନ-ବୋଧ କରି ସରବତ୍ ପିଇଲା । କିନ୍ତୁ ଯେତେ ପିଉଥିଲେ ମଧ୍ୟ ତା' ମନ ବୋଧ ହେଉନଥାଏ । ଲୋଭରେ ଏତେ ସେ ପିଇଗଲା ଯେ

Digitized by srujanika@gmail.com

ତାର ମନେହେଲା ତା' ପେଟଟା ଆଉ କିଛି ସମୟ ପରେ ବେଲୁନ୍ ଭଳି ଫୋ'କର ହୁଏତ ଫାଟିଯିବ ।

ସେ ସହରରେ ଯେତେ ପିଲା ଥିଲେ ସମସ୍ତେ ଢେଙ୍ଗା ଭଳି ପାଠ-ଚୋର । ସମସ୍ତେ ଘରୁ ଲୁଚି ଚାଲିଆସିଥିଲେ । ଗୋଟାଏ ଜାଗାରେ ଦଳେ ପିଲା ବସି ପାଟିକରୁଥାନ୍ତି "ସ୍କୁଲ୍ ମୁର୍ଦ୍ଦାବାଦ୍—ପାଠପଢ଼ା ମୁର୍ଦ୍ଦାବାଦ୍ ।" ଆଉ ଥୋଡ଼ାଏ ପିଲା ତାଙ୍କ ପଢ଼ାବହି ଓ ଖାତା ଚିରି ଜାଳିପକାଉଥାନ୍ତି । ଯାହାର ଯାହା ଇଚ୍ଛା ହେଉଥାଏ ସେ ସେଇଆ କରୁଥାଏ ; କେହି ନାହିଁ ତାଙ୍କୁ ବାରଣ କରିବାକୁ । ସେମାନେ ନା ଗାଧୁଅନ୍ତି, ନା ଦାନ୍ତ ଘଷନ୍ତି । ବାଳ କୁଣ୍ଡାଇବା ପ୍ରାୟ ଭୁଲିଯାଇଥିଲେ । ରାତିରେ ଶୋଇବା ମଧ୍ୟ ଦରକାର ପଡ଼େନି । ଖେଳି ଖେଳି ସବୁ ସମୟ କଟାଇଦିଅନ୍ତି ।

କିଛିଦିନ ବିତିଗଲା । ପିନୋକିଓ୍ୱ ମଧ୍ୟ ଅନ୍ୟ ପିଲାଙ୍କ ଭଳି ଖେଳି ଖେଳି ସମୟ କଟାଇଦେଉଥାଏ । କିଛିଦିନ ଏହିପରି କଟିଯିବା ପରେ ସେ ବିରକ୍ତ ହୋଇଗଲା । ସେ ଦେଶରେ ଖେଳିବାହିଁ ପିଲାଙ୍କର ପ୍ରଧାନ କାମ ହୋଇଥାଏ । ଦିନେ ବୁଲି ବୁଲି ପିନୋକିଓ୍ୱ ଗୋଟିଏ ପୋଖରୀ କୂଳରେ ଆସି ପହଞ୍ଚିଲା । ସେ ପାଣିକୁ ଚାହିଁ ସେଥିରେ ନିଜ ମୁହଁ ଦେଖିଲା । ପାଣିରେ ମୁହଁ ଦେଖି ସେ ଭାରି ଆଶ୍ଚର୍ଯ୍ୟ ହୋଇଗଲା । ଭାବିଲା—"ଆରେ, ଏ କ'ଣ ! ମୋ କାନ ଦୁଇଟି ଗଧ କାନ ଭଳି ଏତେ ଲମ୍ବା କେମିତି ହୋଇଗଲା ?" ନିଜକୁ ବହୁତ ଲାଜଲାଗିଲା । କିନ୍ତୁ କ'ଣ କରିବ ? ଅନ୍ୟ ଉପାୟ ନ ପାଇ ସେ ଗୋଟିଏ କନା ତା' ମୁଣ୍ଡ ଚାରିପଟେ ଭଲକରି ଗୁଡ଼ାଇ କାନ ଦୁଇଟାକୁ ଲୁଚାଇଲା । ତା'ପରଦିନ ପୁଣି ଯାଇ ପୋଖରୀ ପାଣିରେ ମୁହଁ ଦେଖିଲା । ଭାବିଲା କାନ ଦୁଇଟା ଠିକ୍ ହୋଇଯାଇଥିବ ବୋଧହୁଏ । କିନ୍ତୁ କାନ ଦୁଇଟି ପୂର୍ବ ଦିନ ଅପେକ୍ଷା ଆଉ ଟିକିଏ ଲମ୍ବା ହୋଇଯାଇଥାଏ ଯିନା,

Digitized by srujanika@gmail.com

କମି ନଥାଏ । ଗଧ ଭଳି ଲମ୍ବା କାନ ଦୁଇଟି ଦେଖି ପିନୋକିଓର ମନରେ ଦୁଃଖ ହେଲା । ଶେଷରେ ବଡ଼ବାଁ ଆଉ ସମ୍ଭାଳି ନପାରି କାନ୍ଦପକାଇଲା । ଏହି ସମୟରେ ଦେଖିଲା ଦୂରରୁ ଡେଙ୍ଗା ତା'ର ଆଡ଼କୁ ଚାଲିଆସୁଛି ଏବଂ ଆଶ୍ଚର୍ଯ୍ୟର କଥା ସେ ସେ ମଧ୍ୟ ତା'ରଭଳି କନାଟିଏ ମୁଣ୍ଡରେ ଗୁଡ଼ାଇ ରଖିଥିଲା ।

ଡେଙ୍ଗା ପିନୋକିଓ ପାଖକୁ ଆସି କହିଲା, "ଆରେ ପିନୋକିଓ ! ତୋ' ମୁଣ୍ଡରେ କଣ ହୋଇଛି କ ? ଏ କନା ଖଣ୍ଡେ କାହିଁକି ଗୁଡ଼େଇ ରଖିଛୁ ?

"ଖେଳୁ ଖେଳୁ ଝୁଣ୍ଟି କରି ପଡ଼ିଗଲି—ମୁଣ୍ଡରେ ଟିକିଏ ଖଣ୍ଡିଆ ହୋଇଯାଇଥିବାରୁ ଏ କନାଟା ବାନ୍ଧିଛି । କିନ୍ତୁ ତୁ ସେ କନାଟା ମୁଣ୍ଡରେ କାହିଁକି ବାନ୍ଧିଛୁ—ଖୋଲି ଦେଉନୁ !" —ପିନୋକିଓ କହିଲା ।

"ନା, ତୁ ଖୋଲିଲେ ମୁଁ ଖୋଲିବ ।"—ଡେଙ୍ଗା ଉତ୍ତର ଦେଲା ।

ଦୁହେଁ କଥା ହୋଇ ଏକାସାଙ୍ଗରେ ନିଜ ନିଜ ମୁଣ୍ଡରୁ କନା-ଖଣ୍ଡିକମାନ ଖୋଲିଲେ । ପିନୋକିଓ ତା' ସାଙ୍ଗ ମୁଣ୍ଡରେ ମଧ୍ୟ ଠିକ୍ ତା' ଭଳି ଦୁଇଟି ଲମ୍ବା ଗଧ-କାନ ଦେଖି ନ ହସି ରହିପାରିଲା ନାହିଁ । ଡେଙ୍ଗା ମଧ୍ୟ ଟିକିଏ ହସିବାକୁ ଚେଷ୍ଟାକଲା । ଏହିପରି ଦୁହେଁ ଦୁହିଁଙ୍କର ଗଧ-କାନ ଭଳି ଲମ୍ବା କାନ ଦେଖି ହସୁଥାନ୍ତି । ଏହି ସମୟରେ ତାଙ୍କ ଗୋଡ଼ରେ ମଧ୍ୟ ଗଧ ଖୁରା ଦୁଇଟି ହୋଇଗଲା ଓ ପଛରେ ଲାଞ୍ଜ ଗୋଟିଏ ଗୋଟିଏ ମଧ୍ୟ କଅଁଳିଗଲା । ଦୁହେଁ ଆଶ୍ଚର୍ଯ୍ୟ ହୋଇ ପାଟିକରିଉଠିଲେ; କିନ୍ତୁ ସେମାନଙ୍କ ପାଟିରୁ ମଣିଷର କଥା ବଦଳରେ ଗଧ ଭଳି ବୋବାଇବା ଶବ୍ଦ ଖାଲି ବାହାରୁଥାଏ ।

"ମୁଁ ଗଧ ହେବାକୁ ଚାହେଁ ନା ।"—ପିନୋକିଓ ଏହା କହିବାକୁ ଚେଷ୍ଟା କଲା; କିନ୍ତୁ କଥା ବଦଳରେ ତା' ପାଟିରୁ କେବଳ ଗଧର

Digitized by srujanika@gmail.com

ବୋବାଳି ଶବ୍ଦ ବାହାରିଲା—ହିଁ-ହ-ହିଁ-ହ । ତା'ପରେ ପିନୋକିୟୋ ଉପରେ ଥରିବାକୁ ଲାଗିଲା । ଗୋଡ଼ ଦୁଇଟିରେ ଆଉ ସିଧାହୋଇ ଠିଆ ହୋଇ ପାରିଲା ନାହିଁ । ଗଧ ଭଳି ଗୋଡ଼ ହାତ ଗ୍ଡଗୋଟି-ଯା କ ବ୍ୟବହାର କରି ଠିଆହେଲା ।

କିଛି ସମୟପରେ ଟଧଟଣା ଗାଡ଼ିର ମାଲିକ ସେଠାକୁ ଆସିଲା । ସେ ଦୁହିଁଙ୍କ ମୁହଁରେ ଦୁଇଟି ଲଗାମ ବାନ୍ଧିଦେଲା ଏବଂ ପାନଆଟିଏ ପକେଟ୍‌ରୁ କାଢ଼ି ସେମାନଙ୍କ ପିଠିର ବାଳକୁ କୁଣ୍ଡାଇ କୁଣ୍ଡାଇ ଚମକାଇଦେଲା । ତା'ପରେ ଗଧ ପାଲଟିଯାଇଥିବା ପିନୋକିୟୋ ଓ ଲେଙ୍ଗ୍‌ଟୁକୁ ଧରି ସେ ଗଧଗାଡ଼ିର ମାଲିକ ସେମାନଙ୍କୁ ହାଟକୁ ନେଇ ବିକିଦେଲା । ଲେଙ୍ଗ୍‌ଟୁକୁ ଗୋଟିଏ କୃଷୀ ଓ ପିନୋକିୟୋକୁ ଗୋଟିଏ ସର୍କସବାଲା କିଣି ନେଲା ।

ସର୍କସବାଲାଟି ସବୁପ୍ରକାର ଜନ୍ତୁଙ୍କୁ ଖେଳ ଶିଖାଏ । ଗଧ ପିନୋକିୟୋକୁ ନେଇ ଗୋଟିଏ ଗୁହାଳରେ ବାନ୍ଧିଦେଲା । ଖାଇବା ପାଇଁ ତା' ଆଗରେ ଘାସ ଗୁଡ଼ାଏ ପକାଇଦେଲା ପିନୋକିୟୋକୁ ଭୀଷଣ ଭୋକହେଉଥାଏ; ସେ ବାଧ୍ୟହୋଇ ଘାସ ଖାଇବାକୁ ଚେଷ୍ଟା କଲା—କିନ୍ତୁ ତାକୁ ଜମା ଭଲଲାଗିଲାନାହିଁ । ବିସ୍କୁଟ୍, ପାଉଁରୁଟି କଥା ତା'ର ମନେପଡ଼ିଲା । ରାତି ଯାଇ ସକାଳ ହେଲା । ପିନୋକିୟୋ ଆଉ ଭୋକ ସମ୍ଭାଳି ନପାରି ଘାସଗୁଡ଼ିକ ଖାଇଗଲା । ତା'ପରେ ତାକୁ ସର୍କସ ପାଇଁ ଖେଳ ଶିଖାଇବା ଆରମ୍ଭ ହେଲା । ସର୍କସବାଲାଟି ଆସି ତାକୁ ଟିକିଏ ଆଉଁସି ଦେଇ କହିଲା, "ଏଇଟା ଗୋଟିଏ ଭାରି ଚାଲାକ୍ ଗଧ । ମୁଁ ଏହାକୁ ଲୁହା ରିଙ୍ଗ୍ ଭିତରଦେଇ ଡେଇଁବା ଶିଖାଇବି ।

ଏଥର ଆଉ ଏକ ପ୍ରକାରର ଜୀବନଯାତ୍ରା ଗଧ ପିନୋକିୟୋର ଆରମ୍ଭହେଲା । ତାକୁ କେବେହେଲେ ଭଲକରି ପେଟପୂରା ଖାଇବାକୁ

Digitized by srujanika@gmail.com

ମିଳୁନାହିଁ । ଯାହା ଯାହା ତାକୁ ଶିଖାଯାଉଥାଏ ସେ ତାହା ନକଲା ପର୍ଯ୍ୟନ୍ତ ତାକୁ ଖାଇବାକୁ ଦିଅନ୍ତ ନାହିଁ । ବିଚର ବହୁତ ମନ-ଦୁଃଖରେ ଥାଏ ।

କିଛି ସପ୍ତାହ ପରେ ତା'ର ଖେଳ ଶିଖିବା କାମ ସରିଲା । ଦିନେ ତାକୁ ମଞ୍ଚ ଉପରେ ହଜାର ହଜାର ଲୋକଙ୍କ ଆଗରେ ଖେଳ ଦେଖାଇବାକୁ କୁହାଗଲା । ସହରର ଅନେକ ଲୋକ ନୂଆ ଗଧର ନାଁ ଶୁଣି ତା'ଖେଳ ଦେଖିବା ପାଇଁ ସେଠାରେ ଟିକଟ କାଟି ବସିଥାନ୍ତି । ମଞ୍ଚ ଚାରିପଟେ ଚଉକି ପଡ଼ିଥାଏ, ଲୋକେ ବସିଥାନ୍ତି । ଚାରିଆଡ଼ ଆଲୁଅରେ ଚମକୁଥାଏ । ଧୀରେ ଧୀରେ ସଙ୍ଗୀତ ବାଜୁଥାଏ । ପିଲାମାନେ ଖୁସିରେ ବାଦାମ ଖାଉ ଖାଉ ଗଧର ଖେଳ ଦେଖିବାପାଇଁ ଅପେକ୍ଷା କରିଥାନ୍ତି । ସେ ଦିନ ସନ୍ଧ୍ୟାରେ ପିନୋକସ୍ପୋକୁ ସୁନ୍ଦର ଭାବେ ସଜାଇଦିଆଯାଇଥାଏ । ଗୋଟିଏ ନୂଆ ଲଗାମ ତା ମୁହଁରେ ଓ ଲାଞ୍ଜରେ ଗୋଟିଏ ରେଶମିଆ ଫିତା ବାନ୍ଧିଦିଆଯାଇଥାଏ ।

ସର୍କସବାଲା ପିନୋକସ୍ପୋକୁ ନେଇ ମଞ୍ଚ ଉପରେ ଠିଆକରାଇଲା ଏବଂ ନିଜେ ଦର୍ଶକମାନଙ୍କୁ ମୁଣ୍ଡ ନୁଆଁଇ ସ୍ୱାଗତ କରି ହାତରେ ଧରିଥିବା ଚାବୁକଟି ପିନୋକସ୍ପୋ ପିଠିରେ ଥରେ ଛୁଆଁଇଦେଲା । ସର୍କସବାଲା ପିନୋକସ୍ପୋକୁ ଆଦେଶ ଦେଇ କହିଲା—"ମୁଣ୍ଡ ନୁଆଁଇ ସମସ୍ତଙ୍କୁ ନମସ୍କାର କର ।" ପିନୋକସ୍ପୋ ତା' ଆଗ ଗୋଡ଼ ଦୁଇଟି ଭାଙ୍ଗି ତଳେ ଲଗାଇ ସମସ୍ତଙ୍କୁ ନମସ୍କାର କଲା । କିଛି ସମୟପରେ ସର୍କସବାଲାର ଆଦେଶ ପାଇ ପୁଣି ସିଧାହୋଇ ଠିଆହେଲା ।

ପିନୋକସ୍ପୋ ତା'ପରେ ଆଦେଶ ପାଇ ସର୍କସ ରିଙ୍ଗ୍ ଚାରିପଟେ ଖୁବ୍ ଜୋରରେ ଦୌଡ଼ିଲା । ଏହି ସମୟରେ ସର୍କସବାଲାଟି ଗୋଟିଏ ଖେଳ ବନ୍ଧୁକ ଫୁଟାଇଦେଲା । ତା'ର ଶବ୍ଦରେ ପିନୋକସ୍ପୋ ଡର ତଳେ ପଡ଼ିଯାଇ ମରିଗଲା ଭଳି ଅଭିନୟ କଲା, ଏବଂ ସେଥିରେ ସେ

Digitized by srujanika@gmail.com

ସଫଳ ହେଲା । ଲୋକେ ତା' ଅଭିନୟ ଦେଖି ଖୁସିରେ ତାଳି ବଜାଇଲେ । ଏହିପରି କରିବା ପାଇଁ ତାକୁ ଆଗରୁ ଶିଖାଯାଇଥିଲା ।

କିଛି ସମୟ ଏପରି ଅଭିନୟ କରିବା ପରେ ପିନୋକିଓ୍ୱୋ ପୁଣି ଉଠି ଠିଆହେଲା । ଏଥର ସେ ଦେଖିଲା ଦର୍ଶକମାନଙ୍କ ଭିତରେ ଗୋଟିଏ ଚଉକିରେ ବସି ମାଳପଣ୍ଟା ସର୍କସ ଦେଖୁଛନ୍ତି । ତାଙ୍କୁ ଦେଖିଲେ ମନେହେଉଥିଲା, ସେ ମନଦୁଃଖରେ ଯେପରି ଭାଙ୍ଗି ପଡ଼ିଛନ୍ତି । ପିନୋକିଓ୍ୱୋର ଇଚ୍ଛା ହେଉଥାଏ ସେ ତାଙ୍କୁ ପାଟିକରି ଡାକି କହନ୍ତା ଯେ, ସେ ସାଧାରଣ ଗଧଟିଏ ନୁହେଁ; ସେ ତାଙ୍କର ସେଇ ଦୁଷ୍ଟ ପିନୋକିଓ୍ୱୋ । କିନ୍ତୁ ତା' ପାଟିରୁ କଥା ବଦଳରେ କେବଳ ହିଁ-ହ -ହିଁ-ହ ଶବ୍ଦ ବାହାରିଲା । ପିଲମାନେ ତା' ଶବ୍ଦ ଶୁଣି ପୁଣ ଜୋର୍‌ରେ ହସିଉଠିଲେ ଓ ସର୍କସବାଲା ତା' ଛାତିରେ ଗୋଟିଏ ପାହାର ପିନୋକିଓ୍ୱୋ ପିଠିରେ ବସାଇଦେଲା । ଏ ମାଡ଼ ପିନୋକିଓ୍ୱୋକୁ ବହୁତ କାଟିଲା । କଷ୍ଟରେ ତା' ଆଖିରୁ ଲୁହ ବୋହିଗଲା । ଆଖିରେ ଲୁହ ଭର୍ତ୍ତିହୋଇଯିବାରୁ କିଛି ସମୟ ପର୍ଯ୍ୟନ୍ତ ତାକୁ କିଛି ଦେଖାଗଲା-ନାହିଁ । ଆଖିରୁ ଲୁହ ଶୁଖିଯିବା ପରେ ସେ ପୁଣି ମାଳପଣ୍ଟା ଆଡ଼କୁ ଚାହିଁଲା, ସେତେବେଳକୁ ସେ ତାଙ୍କ ବସିବା ସ୍ଥାନ ଛାଡ଼ି ଚାଲି-ଯାଇଥିଲେ ।

ହଠାତ୍ ବାଜା ଜୋର୍‌ରେ ବାଜିବା ଆରମ୍ଭ ହେଲା । ପିନୋକିଓ୍ୱୋକୁ ଲୁହା ରିଙ୍ଗ୍ ଭିତରେ ଡେଇଁବା ପାଇଁ ଆଦେଶ ମିଳିଗଲା । ପିନୋକିଓ୍ୱୋ ଜୋର୍‌ରେ ସେ ରିଙ୍ଗ୍ ଆଡ଼ିକୁ ଦୌଡ଼ିଲା । ଦୌଡ଼ି ଦୌଡ଼ି ରିଙ୍ଗ୍ ଭିତର ଦେଇ ଡେଇଁବାକୁ ଚେଷ୍ଟାକଲା ; କିନ୍ତୁ ସର୍କସବାଲା ଲୁହା ରିଙ୍ଗ୍‌ଟି ଏତେ ଉଚ୍ଚରେ ରଖିଥାଏ ଯେ ଛୋଟ ପିନୋକିଓ୍ୱୋ ଗଧଟି ସେତେ ଉପରକୁ ଡେଇଁପାରୁନଥାଏ । ସେ ଥରକୁ ଥର ଚେଷ୍ଟା କରୁଥାଏ ଏବଂ ପ୍ରତିଥର ବିଫଳ ହୋଇ ରିଙ୍ଗ୍‌ର

Digitized by srujanika@gmail.com

ଚଳଦେଇ ଦୌଡ଼ଯାଉଥାଏ । ପିଲାମାନେ ତା'ର ଏ ଅଭିନୟ ଦେଖି ଖୁସିରେ ହସି ହସି ଲେଟିଯାଉଥାନ୍ତି ଏବଂ ଜୋର୍‌ରେ ତାଳି-ମାରୁଥାନ୍ତି । ସର୍କସବାଲା ଶେଷକୁ ବିରକ୍ତ ହୋଇ ତା' ପିଠିରେ ଜୋର୍‌ରେ ଗୋଟେ ଚାବୁକ୍ ମାରିଲା । ପିନୋକପ୍ୟୋ ଜାଣିଲା ସେ ଆଜି ଯଦି ସେ ଏ ଲୁହା ରିଙ୍ଗ୍ ଭିତରଦେଇ ନ ଡେଇଁବ, ତେବେ ତାକୁ ଖାଇବାକୁ ମିଳିବ ନାହିଁ ।

ପିନୋକପ୍ୟୋ ପୁଣି ଥରେ ଡେଇଁବା ପାଇଁ ସାହସ ସଞ୍ଚୟ କଲା । ରିଙ୍ଗ୍‌ର ଗୁଡ଼ାପାଖେ ଜୋର୍‌ରେ ଦୌଡ଼ିଲା । ଏଥର କୌଣସି ପ୍ରକାରେ ସାହସ ସଞ୍ଚୟ କରି ଆଖି ବୁଜି ଡେଇଁଗଲା । କିନ୍ତୁ ବିଚରାର ଆଗ ଗୋଡ଼ ଦୁଇଟି ତ ଗଳିଗଲା; କିନ୍ତୁ ପଛ ଗୋଡ଼ ଦୁଇଟି ରିଙ୍ଗ୍‌ରେ ଲାଗି ରହିଲା । ଫଳରେ ଏକ ଶକ୍ତ କଚଡ଼ା ଖାଇ ଲାଥିକିନା ପଡ଼ିଲା । ତା' ମୁଣ୍ଡ କିଛି ସମୟ ପାଇଁ ବୁଲେଇହୋଇଗଲା । କିଛି ସମୟ ପରେ ବଡ଼ କଷ୍ଟରେ ଉଠି ଠିଆହେଲା । କିନ୍ତୁ ତାର ଗୋଟିଏ ଗୋଡ଼ ଛୋଟା ହୋଇଯାଇଥାଏ । ସେ ଭଲଭାବେ ଚାଲିପାରୁନଥାଏ । ତା'ର ଆଣ୍ଠୁଟି ଜୋର୍‌ରେ ଫୁଲିଯାଇଥାଏ । ସର୍କସବାଲା ତା'ର ଏ ଅବସ୍ଥା ଦେଖି ଭାବିଲା ଏ ଗଧଟି ବେକାର ହୋଇଗଲା; ଆଉ କିଛି ଖେଳ ଦେଖାଇ ପାରିବ ନାହିଁ—ତେଣୁ ତାକୁ ବାହାର କରିଦେବା ହିଁ ଠିକ୍ ହେବ । ଏହା ଠିକ୍ କରି ସେ ଗୋଟିଏ ଚାକରକୁ କହିଲା, "ଏଟାକୁ ଶୀଘ୍ର ମୋ ଆଗରୁ ନେଇଯା ।"

ଚାକରଟି ତା'ପରଦିନ ପିନୋକପ୍ୟୋକୁ ବିକିବା ପାଇଁ ହାଟକୁ ନେଲା । ଅନେକ ସମୟ ଅପେକ୍ଷା କରିବା ପରେ ଜଣେ ଲୋକ ଆସି ଛୋଟା ଗଧଟିକୁ କିଣିଲା । ସେ ପିନୋକପ୍ୟୋର ପିଠିଟିକୁ ଟିକିଏ ଆଉଁସି ଦେଇ ଭାବିଲା—'ଗଧର ଚମଡ଼ାଟି ଖୁବ୍ ମୋଟା ଅଛି । ଏହି ଚମଡ଼ାରେ ଭଲ ବାଜାଟିଏ ତିଆରି କରି ବିକିବ । ତା'ପରେ ଭାବିଲା,

Digitized by srujanika@gmail.com

କପର କଂଲ ଶୀଘ୍ର ଏବଂ ଭଲ ଚମଡ଼ା ବାହାରିବ । କିଛି ସମୟ ଭାବିଲା ପରେ ସେ ଠିକ୍ କଲା ଯେ ପିନୋକିୟୋକୁ ପାଣିରେ ବୁଡ଼ାଇ ପ୍ରଥମେ ମାରିଦେବ ।

ଲୋକଟି ତାକୁ ବାନ୍ଧି ନଦୀକୂଳ ଆଡ଼କୁ ନେଇ ଗଲା । ସେଠାରେ ଗୋଟିଏ ଦଉଡ଼ିରେ ବଡ଼ ପଥରଟିଏ ବାନ୍ଧି ପିନୋକିୟୋ ବେକରେ ଓହଳାଇଦେଲା ଏବଂ ତାକୁ ପାଣିରେ ବୁଡ଼ାଇଦେଇ ଦୌଡ଼ିଯାଇ ଅନ୍ୟ ପାଖଟି ଧରି କୂଳରେ ବସିଲା । ତେଣେ ଗଧ ପିନୋକିୟୋ ଧୀରେ ଧୀରେ ପାଣିରେ ବୁଡ଼ିବାକୁ ଲାଗିଲା । ବିଚରା ପାଣି ଭିତରେ ରୁଦ୍ଧଶ୍ୱାସୀ ହୋଇଯାଉଥାଏ । ଏହି ସମୟରେ ହଠାତ୍ ପିନୋକିୟୋକୁ ଲାଗିଲା ଯେପରି ମାଛପଲ ଆସି ତାଙ୍କ କାଉଁରିବାଡ଼ିଟି ତା' ଉପରେ ହଲାଇଦେଲେ ଏବଂ ତା'ପରେ କିଛି ସମୟ ତାକୁ କିଛି ଦେଖାଗଲାନାହିଁ । ସବୁଆଡ଼ ଅନ୍ଧାରମୟ ଲାଗିଲା । ଏହାପରେ ସେ ଜାଣିଲା କେତେବେଳେ ତା' ପୂର୍ବ କଣ୍ଢେଇ ରୂପ ଧରି ନଦୀକୂଳରେ ଆସି ପହଞ୍ଚିଯାଇଛି ।

କୂଳରେ ପହଞ୍ଚି ପିନୋକିୟୋ ଆଶ୍ଚର୍ଯ୍ୟ ହୋଇଗଲା । ନିଜର ପୂର୍ବ ରୂପ ଓ ନିଜକୁ ଏ ପର୍ଯ୍ୟନ୍ତ ବଞ୍ଚିରହିଥିବା ଦେଖି ସେ ବୁଝି-ପାରିଲା ନାହିଁ, ଏସବୁ କେତେବେଳେ କିପରି ହୋଇଗଲା ! ଗଧମାଲିକ ମଧ୍ୟ ଆଶ୍ଚର୍ଯ୍ୟ ହୋଇଗଲା । ସେ ବି କିଛି ବୁଝିପାରିଲା ନାହିଁ । ଭାବିଲା ମୁଁ ତ ଗଧ ବେକରେ ପଥରଟିଏ ବାନ୍ଧି ପାଣିରେ ବୁଡ଼ାଇଥିଲି ମାରିବା ପାଇଁ, କିନ୍ତୁ ଏ କ'ଣ ମଲା ଗଧଟିଏ ବଦଳରେ ଗୋଟିଏ ଜୀବନ୍ତ କଣ୍ଢେଇ ଦଉଡ଼ିରେ ବନ୍ଧା ହୋଇଛି ? ଏହା କିପରି ସମ୍ଭବ ହେଲା ? ଭାବିଲା ସେ ବୋଧହୁଏ ସ୍ୱପ୍ନ ଦେଖୁଛି । ଲୋକଟି ଏପରି ଆଶ୍ଚର୍ଯ୍ୟ ହେଉଥିବା ଦେଖି ପିନୋକିୟୋକୁ ଭାରି ମଜାଲାଗିଲା । ସେ ହସି ହସି କହିଲା, "ମୁଁ ତୁମର ସେଇ ଗ୍ରୋଟା ଗଧ । ପ୍ରଥମେ ମୋ

Digitized by srujanika@gmail.com

ବେକରୁ ଏ ଦଉଡ଼ିଟି ଖୋଲି ବାହାରକର । ମୁଁ ତୁମକୁ ମୋ ବିଷୟରେ ସବୁକଥା ବର୍ଣ୍ଣନା କରି କହିବି ।”

ଲୋକଟି ପିନୋକିଓ ବେକରୁ ଦଉଡ଼ିଟି ଖୋଲିଦେଲା ଏବଂ ପରେ ପିନୋକିଓ ତା’ ଦୁଃଖର କାହାଣୀ ବର୍ଣ୍ଣନା କରି କହିଲା । ପିନୋକିଓଠାରୁ ସବୁ ଶୁଣିସାରିଲା ପରେ ମଧ୍ୟ ଲୋକଟି ସବୁ ବୁଝିପାରିନଥିଲା; ତେଣୁ ଆଶ୍ଚର୍ଯ୍ୟର ସହିତ ପଚାରିଲା, “କିନ୍ତୁ ବର୍ତ୍ତମାନ ପାଣି ଭିତରେ କେମିତି କ’ଣ ହେଲା ? ତୁ ତ ଗଧ ରୂପରେ ପାଣି ଭିତରେ ବୁଡ଼ିଥିଲୁ ; ଉପରକୁ ଗୋଟିଏ କଣ୍ଢେଇ ହୋଇ କିପରି ଫେରିଲୁ ?”

“ହଁ ହଁ, ସେ ବିଷୟ ମଧ୍ୟ ମୁଁ ତୁମକୁ କହୁଛି । ପାଣି ଭିତରେ ସବୁ ଅନ୍ଧାର ହଟିବା ପୂର୍ବରୁ ମୁଁ ଦେଖିଲି ଦଳେ ମାଛ ମୋ ଆଡ଼କୁ ପହଁରି ଆସୁଛନ୍ତି । ମୁଁ ନିଶ୍ଚିନ୍ତ ଥିଲି ଯେ ସେମାନଙ୍କୁ ନିଶ୍ଚୟ ନୀଳପରୀ ମୋ ପାଇଁ ପଠେଇଥିବେ । ମାଛଗୁଡ଼ିକ ମୋ ପାଖକୁ ଆସି ମୋର ଲମ୍ବା ଲମ୍ବା ଗଧ ଭଳି କାନ ଦୁଇଟି ଏବଂ ଲାଞ୍ଜଟି ଚୁହୁଁ ଚୁହୁଁ ଖାଇଗଲେ । ଏଭଳି ଖାଇ ଖାଇ ମୋର କାଠ ଦେହ ଉପରେ ଥିବା ଗଧ ଦେହଟି ପୂରା ଖାଇଗଲେ । ତା’ପରେ ଆସିଲା ମୋର ପ୍ରକୃତ କାଠ ଦେହ । କିନ୍ତୁ କାଠ ଖାଇବାକୁ ସେମାନଙ୍କୁ ଭଲ ଲାଗିଲା ନାହିଁ । ତେଣୁ ସେମାନେ ପହଁରି ଚାଲିଗଲେ । ତା’ପରେ ତୁମେ ଯେତେବେଳେ ଦଉଡ଼ିଟି ଉପରକୁ ଟାଣିଲ, ଗଧ ବଦଳରେ କାଠ କଣ୍ଢେଇଟିଏ ପାଇଲ ।”

ପିନୋକିଓର ଏ କାହାଣୀ ଶୁଣି ଲୋକଟି ଖୁବ୍ ରାଗିଉଠିଲା । କାରଣ ସେ ଗଧ ବୋଲି ଭାବି ଏତେଗୁଡ଼ିଏ ପଇସା ଦେଇ କିଣିଥିଲା । କିନ୍ତୁ ଗଧଟି କାଠକଣ୍ଢେଇ ପାଲଟିଯାଇଥିବା ଦେଖି ସେ ଭାବିପାରିଲାନି ଯେ ଏ କାଠ କଣ୍ଢେଇଟି ତା’ର କି କାମରେ ଆସିବ । ତେଣୁ ରାଗି-

Digitized by srujanika@gmail.com

ଯାଇ ସେ ପିନୋକ୍ୟୋକୁ କହିଲା—"ତତେ ନେଇ ମୁଁ ହାଟରେ ଜାଳେଣିକାଠ ରୂପେ ବିକି ମେ ପଇସା ନିଶ୍ଚୟ ଆଦାୟ କରିବି ।" ପିନୋକ୍ୟୋ କିନ୍ତୁ ଏ କଥା ଶୁଣି ଉଠିବା ପରିବର୍ତ୍ତେ ଜୋରରେ ହସିଉଠିଲା ଏବଂ ଏକାକୁଦାକେ ପାଣିକୁ ଡେଇଁ ପହଁରି ପହଁରି ଆର କୂଳକୁ ଚାଲିଗଲା ।

ପିନୋକିୟୋ ତା'ପରେ ଭାବିଲା—ଏଥର ମତେ ବାପାଙ୍କୁ ଯେମିତି ହେଲେ ଖୋଜି ବାହାର କରିବାକୁ ପଡ଼ିବ । ଏହା ଠିକ୍ କରି ମନଧ୍ୟାନ ଦେଇ ଖୋଜିଚାଲିଲା । ଏହିପରି ଦିନ ରାତି କଟିଗଲା—କିନ୍ତୁ ବାପାଙ୍କର ଚିହ୍ନବର୍ଣ୍ଣ କେଉଁଠାରେ ଦେଖିବାକୁ ପାଇଲା ନାହିଁ । ଭାବିଲା, ସମୁଦ୍ରର ପାଣି ଉପରେ କେଉଁଠାରେ ତ ବାପାଙ୍କୁ ପାଇଲି ନାହିଁ, ଯାଉଛି ସମୁଦ୍ରର ତଳକୁ ଯାଇ ବାପାଙ୍କୁ ଖୋଜି ଆସିବି— କାଳେ ସେଠାରେ ମିଳିଯାଇପାରନ୍ତି । ଏହା ଭାବି ପିନୋକ୍ୟୋ ସମୁଦ୍ରର ଭିତରକୁ ପହଁରି ଚାଲିଲା ଓ ସମୁଦ୍ରର ତଳଭାଗରେ ଯାଇ ପହଞ୍ଚିଗଲା । ପ୍ରଥମେ ତ ତାକୁ ଚାରିଆଡ଼ ଅନ୍ଧକାରମୟ ଦେଖାଗଲା; ସେ କିଛି ଦେଖିପାରିଲାନାହିଁ । କିଛି ସମୟ ପରେ ଧୀରେ ଧୀରେ ତା' ଆଖି ସେଠିକା ଆଲୁଅ ଅନୁସାରେ ଠିକ୍ ହୋଇଗଲା ଏବଂ ସେ ସବୁ ଦେଖିପାରିଲା । ସମୁଦ୍ର ତଳେ ସବୁ ନୀଳବର୍ଣ୍ଣ ଦେଖାଯାଉଥାଏ ।

ସମୁଦ୍ର ତଳେ ଚାରିଆଡ଼େ କେତେ ଜାତିର ବଡ଼ ବଡ଼ ଘାସ-ବୁଦା, ଗଛ ଇତ୍ୟାଦି ହୋଇଥାଏ । ଗଛର ଡାଳଗୁଡ଼ିକ ପବନରେ ହଲିଲା ଭଳି ସେ ଗଛଗୁଡ଼ିକର ଡାଳଗୁଡ଼ିକ ମଧ୍ୟ ପାଣି ଭିତରେ ହଲୁଥାନ୍ତି । ପିନୋକ୍ୟୋ ଦେଖିଲା ଯେ ସେ ବୁଦାଗୁଡ଼ିକ ଭିତରେ ଉଜ୍ଜ୍ୱଳ ଏବଂ ବର୍ଣ୍ଣା ଭଳି ଗୋଳିଆ ହୋଇଥିବା କ'ଣ ଗୁଡ଼ାଏ ଜିନିଷ ଦେଖାଯାଉଛି । ପ୍ରଥମେ ଭାବିଲା, ଏଗୁଡ଼ିକ ପକ୍ଷୀ କିମ୍ବା ଚଳନ୍ତା ଫୁଲ ହୋଇଥିବେ । ପୁଣି କିଛି ସମୟ ମନ ଦେଇ ଦେଖିବା ପରେ ଜାଣି-

Digitized by srujanika@gmail.com

ପାରନ୍ତି ଯେ ସେଗୁଡ଼ିକ ବିଭିନ୍ନ ପ୍ରକାର ସାମୁଦ୍ରିକ ମାଛ । ସାମୁଦ୍ରିକ ଜୀବଜନ୍ତୁଙ୍କ ବିଷୟରେ ଜାଣିବାପାଇଁ ପିନୋକସ୍କୋ ଗୋଟିଏ ଭଲ ସୁଯୋଗ ତ ପାଇଥିଲା—କିନ୍ତୁ ବିଚରାର ମନ ବାପାଙ୍କ ପାଇଁ ଏତେ ବ୍ୟାକୁଳ ଥିଲା ଯେ ସେ ବିଷୟରେ ବେଶୀ ଖୋଜ ଦେଖିବାପାଇଁ ତା' ପାଖରେ ନା ଇଚ୍ଛା ଥିଲା, ନା ସମୟ । ସମୁଦ୍ରର ପ୍ରତି କୋଣ ଏବଂ ସ୍ଥାନ ସେ ଖୋଜିଆସିଲା; କିନ୍ତୁ କେଉଁଠାରେ ହେଲେ ତା' ବାପାଙ୍କୁ ପାଇଲା ନାହିଁ । ଏପରି ପହଁରି ପହଁରି ସେ ଗୋଟିଏ ମୁକ୍ତା ଶାମୁକା ଦେଖିଲା । ତା' ପାଖକୁ ଯାଇ ଅତି ନମ୍ରତାର ସହିତ ପଚାରିଲା, "ମୁକ୍ତା ଭାଇ, କ୍ଷମା କରିବ—ମୁଁ ତୁମକୁ କିଛି ପଚାରିବାକୁ ଚାହୁଁଛି । ମୁଁ ମୋ ବାପାଙ୍କୁ ଖୋଜି ଖୋଜି ବ୍ୟସ୍ତ ହୋଇଗଲିଣି । ତୁମେ ତାଙ୍କୁ କେଉଁଠି ଦେଖିଛ କି ? ଯଦି କହିବ, ତେବେ ମୋର ଅନେକ ଉପକାର ହୁଅନ୍ତା ।"

ଆଶ୍ଚର୍ଯ୍ୟର କଥା ଯେ ପିନୋକସ୍କୋର ପାଟି ଶୁଣି ମୁକ୍ତା ଭୟରେ ତାର ଶାମୁକା କବାଟଟା ଠକ୍‌କରି ବନ୍ଦ କରିଦେଲା; ଆଉ ବୁଡ଼ି ଭିତରେ ଲୁଚିଗଲା । ପିନୋକସ୍କୋ ମୁକ୍ତାର ଏ ବ୍ୟବହାର ଦେଖି ଆଶ୍ଚର୍ଯ୍ୟ ହୋଇଗଲା । ଭାବିଲା, କି ଅଦ୍‌ଭୁତ ପ୍ରକାର ଜନ୍ତୁଟା ମ ?

ସେ ଆଉ କିଛି ବାଟ ପହଁରିଗଲା । ଗୋଟିଏ ଜାଗାରେ ଦେଖିଲା, ଅନେକଗୁଡ଼ିଏ ଛୋଟ ସମୁଦ୍ରଘୋଡ଼ା ଘାସ ଚରୁଥାନ୍ତି । ପିନୋକସ୍କୋ ସେମାନଙ୍କ ପାଖକୁ ଯାଇ ପଚାରିଲା—"ତୁମେମାନେ ମୋ ବାପାଙ୍କୁ କେଉଁଠି ଦେଖିଛ କି ? ମୁଁ ତାଙ୍କୁ ଖୋଜୁଛି ।" କିନ୍ତୁ ପିନୋକସ୍କୋର କଥା ଶେଷ ହେବା ପୂର୍ବରୁ ହିଁ ସେ ଘୋଡ଼ାଗୁଡ଼ିକ ତୀବ୍ର ଗତିରେ ସେ ଜାଗା ଛାଡ଼ି ପଳାଇଗଲେ । ସେଠାକାର ଜୀବଜନ୍ତୁଙ୍କର ଏ ପ୍ରକାର ବ୍ୟବହାର ଦେଖି ତା' ମନଟା ଟିକିଏ ଦବିଗଲା । ତେବେ ବି ସେ ଆଶା ନ ହରାଇ ପୁଣି ଆଗେଇଚାଲିଲା ।

Digitized by srujanika@gmail.com

ପିନୋକିଓ୍ୱା ଆଉ କିଛି ବାଟ ପହଁରିଯିବା ପରେ ଦେହରେ ଚଟା ପଟା ଗାର ପଡ଼ିଥିବା ମାଛଗୁଡ଼ିଏ ଦେଖିଲା । ମାଛଗୁଡ଼ିକ ପିନୋକିଓ୍ୱାକୁ ଦେଖି ବୁଦା ଭିତରେ ଲୁଚି ଉଣ୍ଡୁଥାନ୍ତି ଯେପରି ବାଘ ବଣ ଭିତରେ ଗଛ, ବୁଦା ପଛରେ ରହି ଅନାଇଥାଏ ।

ପିନୋକିଓ୍ୱା ସମୁଦ୍ର ଭିତରେ ଏପରି ପହଁରି ପହଁରି ତାର ବାପାଙ୍କୁ ଖୋଜିବୁଲିଥାଏ ଏବଂ ଅନେକ ପ୍ରକାର ଆଶ୍ଚର୍ଯ୍ୟକର ଜିନିଷ ସମୁଦ୍ର ତଳେ ଦେଖୁଥାଏ । ଏହିପରି ଘଣ୍ଟା-ଘଣ୍ଟାଧରି ପହଁରି ଖୋଜିଲା; କିନ୍ତୁ ତାର ବାପାଙ୍କ ସମ୍ବନ୍ଧରେ କିଛି ଖବର ପାଇଲା ନାହିଁ । ତେବେ ସେ ମନରେ ଦୃଢ଼ନିଶ୍ଚୟ କରିଥାଏ ଯେ ବାପାଙ୍କୁ ଯେକୌଣସି ପ୍ରକାରେ ଖୋଜି ବାହାରକରିବ ।

ଦିନ ଯାଇ ରାତି ହେଲା । ପିନୋକିଓ୍ୱା ଦେଖିଲା, ଦୂରରେ କଣ ଗୋଟାଏ ମସ୍ତବଡ଼ ଜିନିଷ ଦେଖାଯାଉଛି । ପହଁରି ପହଁରି ଯାଇ ସେଠାରେ ପହଞ୍ଚି ଦେଖିଲା, ତାହା ଗୋଟିଏ ଗ୍ରେଟିଆ ପାହାଡ଼ । ଗୁମ୍ଫାର ଦ୍ୱାରଟିଏ ଖୋଲିଲା ଭଳି ହଠାତ୍ ତା'ର ଗୋଟିଏ ଦ୍ୱାର ଖୋଲିଗଲା । ସେ ଆଶ୍ଚର୍ଯ୍ୟ ହୋଇ ରହିଁ ରହିଛି, ସେତିକିବେଳେ ଗୋଟିଏ ବଡ଼ ଲହରୀ ଆସି ପଛରୁ ତାକୁ ଧକ୍କା ଦେଲା । ପିନୋକିଓ୍ୱା ସେ ଧକ୍କାରେ ସିଧା ଗୁମ୍ଫା ଭିତରେ ପଶି ଭାସି ଭାସି ଭିତରକୁ ଚାଲିଗଲା ଓ ତା' ପଛେ ପଛେ ଦଳେ ହେବ ସମୁଦ୍ର ମାଛ-ମଧ୍ୟ ପଶିଗଲେ । ତା'ପରେ ଯାହା ହେଲା ତାହା ପିନୋକିଓ୍ୱାର ଦୁର୍ଭାଗ୍ୟ ଛଡ଼ା ଆଉ କିଛି ନୁହେଁ । ଗୁମ୍ଫାର ଦ୍ୱାରଟି ହଠାତ୍ ପଛରୁ ବନ୍ଦହୋଇଗଲା ଏବଂ ପିନୋକିଓ୍ୱା ଜାଣିପାରିଲା ଯେ ଏକ ବିରାଟ ତିମି ମାଛର ପେଟ ଭିତରେ ସେ ବନ୍ଦୀ । ତିମିର ପେଟ ଭିତରଟା କଟିକଟିଆ ଅନ୍ଧାର । ଏ ପର୍ଯ୍ୟନ୍ତ ସେ ଯେତେ କଷ୍ଟ ପାଇଥିଲା, ଏ ଘଟଣାଟି ସେ ସବୁକୁ ବଳିଗଲା । ହଠାତ୍ ତାକୁ ପଛରୁ ଶୁଣାଗଲା

Digitized by srujanika@gmail.com

—"ଧୈର୍ଯ୍ୟ ଧର, ତୁମେ କ'ଣ ଦେଖିପାରୁନାହିଁ ଯେ ଏ ଗଛର ତମି ମାଛର ଦାନ୍ତ ନାହିଁ ।" ପିନୋକିଓ୍ୱୋର ସମଦୁଃଖୀ ଗ୍ରେଟ ମାଛଟିଏ ଏହା କହିଲା ।

କିଛି ସମୟ ପରେ ଏକ ବିଚିତ୍ର ଘଟଣା ଘଟିଲା । ତିମିର ପେଟ ଭିତରେ ଗୋଟିଏ କଡ଼ରୁ ଆଲୋକର ରେଖାଟିଏ ଦେଖାଗଲା । ସେଇ ଆଲୁଅରେ ପିନୋକିଓ୍ୱୋ ବାଟ ଦେଖି ଦେଖି ପହଁଚିଲା ଆଲୁଅ ଥିବା ଜାଗାରେ ପହଞ୍ଚିଲା । ସେ ଦେଖିଲା—ଗୋଟିଏ ଟେବୁଲ ଉପରେ କାଠ ବାକ୍ସଟିଏ ଉପରେ ମହମବତିଟିଏ ଜଳୁଛି । ସେ ଟେବୁଲ ପାଖରେ ପାଚିଲାବାଳିଆ ବୁଢ଼ାଟିଏ ମନ ମାରି ବସିଛି । ସେ ହେଉଛି ଗେପେଟୋ । ତାଙ୍କୁ ଦେଖି ପିନୋକିଓ୍ୱୋ ଆନନ୍ଦରେ ଚିତ୍କାର କରି ଉଠିଲା—"ବାପା, ସତରେ କ'ଣ ତୁମେ ଏଠି ବସିଛ ?" ଏହା କହି ସେ ଗେପେଟୋ ବେକରେ ଯାଇ ଓହଳିପଡ଼ିଲା । ପିନୋକିଓ୍ୱୋକୁ ଦେଖି ଗେପେଟୋ ନିଜ ଆଖିକୁ ବିଶ୍ୱାସ କରିପାରୁନଥାଏ । ଆନନ୍ଦରେ ତା' ଆଖିରୁ ଲୁହ ଗଡ଼ୁଥାଏ ।

"ମୋ ଧନଟା, କେଉଁଠି ଥିଲୁ ଏତେ ଦିନଯାଏଁ ?" —ଏହା କହି ଗେପେଟୋ ତା'ର ଆଦରର କଣ୍ଢେଇ ପିନୋକିଓ୍ୱୋକୁ କୋଳେଇ ନେଲେ । ଅନେକ ସମୟ ପର୍ଯ୍ୟନ୍ତ ଦୁହେଁ ପରସ୍ପରକୁ ଜାବୁଡ଼ି ଆନନ୍ଦରେ କାନ୍ଦୁଥାନ୍ତି । ଶେଷରେ ଗେପେଟୋ କହିଲେ— "ତତେ ନ ଦେଖି ମୁଁ କେତେ ଦୁଃଖ ପାଇଛି । ତୁ ଏ ବିପଦପୂର୍ଣ୍ଣ ଜାଗାକୁ କାହିଁକି ଆସିଲୁ ? ତତେ ଥଣ୍ଡାଲାଗି ତୋ ନାକରୁ ପାଣି ଗଡ଼ିଲାଣି । ହଉ, ତୁ ଚୁପ୍ ହୋଇ ଏଇଠି ବସ୍ ।"

ପିନୋକିଓ୍ୱୋ ଆଖି ନାକ ପୋଛି ଚୁପ୍ ହୋଇ ସ୍ନେହରେ ତା'ର ବାପା ଆଡ଼କୁ ଗୁହାଁରିଥାଏ । କିଛି ସମୟପରେ ସେ କହିଲା, "ବାପା, ତୁମେ କେତେ ଭଲ ମଣିଷ; ଆଉ ମୁଁ ଦୁଷ୍ଟ ତୁମକୁ କେତେ

Digitized by srujanika@gmail.com

କଷ୍ଟ ଦେଲିଣି । ତୁମେ ତଥାପି ମୋ ଉପରେ ରାଗୁନାହଁ । ତୁମେ କ'ଣ ଜାଣିଛ ମୁଁ କେତେ କଷ୍ଟ ଏ ଭିତରେ ପାଇଲିଣି ?'' ଏହା କହି ପିନୋକିୟୋ ତରତରରେ ସେ ପର୍ଯ୍ୟନ୍ତ ଘଟିଯାଇଥିବା ଘଟଣା ସବୁ ବର୍ଣ୍ଣନା କଲା । ଶେଷରେ କହିଲା, "ମୁଁ ସମୁଦ୍ର ଭିତରେ ତୁମକୁ ଦେଖି ଯେତେବେଳେ ଡାକିଲି, ତୁମେ କାହିଁକି ଶୁଣିଲ ନାହିଁ ?"

"ହଁରେ ବାପ, ମୁଁ ତତେ ମଧ୍ୟ ଦେଖିଥିଲି; କିନ୍ତୁ ଝଡ଼ ଏତେ ଜୋର୍‌ରେ ବୋହୁଥିଲା ଯେ ମୁଁ କୂଳକୁ ଡଙ୍ଗା ଫେରାଇ ଆଣି ପାରିଲି ନାହିଁ । ତା'ପରେ ଏଇ ରାକ୍ଷସ ତିମିର ହାବୁଡ଼ରେ ପଡ଼ି ପାଖ୍ୟ ଦୁଇ ବର୍ଷ ହେଲା ଏ ଭିତରେ ବନ୍ଦୀ ହୋଇ ରହିଛି ।"

"ତାହାହେଲେ ତୁମେ କେମିତି ଏପର୍ଯ୍ୟନ୍ତ ବଞ୍ଚିପାରିଛ ?"

ଗେପେଟୋ ଗୋଟିଏ ଦୀର୍ଘନିଃଶ୍ୱାସ ପକାଇ କହିଲା, "କ'ଣ କହିବରେ ପୁଅ, ମୋ ଭାଗ୍ୟ ସେପରି । ପ୍ରଥମେ ଏ ତିମିମାଛଟି ଗୋଟିଏ ବଡ଼ ମାଲ୍‌ବାହୀ ଜାହାଜ ଗିଳିପକାଇଥିଲା । ସେ ଜାହାଜରୁ ମିଳିଥିବା ଖାଦ୍ୟ ପଦାର୍ଥ ଇତ୍ୟାଦିରେ ଅନେକ ଦିନ ମୋର କାମ ଚଳିଗଲା; ପରେ କିନ୍ତୁ ସେ ସବୁ ସରିଯିବାରୁ ତିମିମାଛ ଗିଳୁଥିବା ଛୋଟ ଛୋଟ ମାଛ ଖାଇ ବଞ୍ଚିରହିଛି । ଏଇ ଛୋଟ ମହମବତିଟି ସରିଗଲେ ଆଉ ଜାଳିବା ପାଇଁ ମୋ ପାଖରେ କିଛି ନାହିଁ ଏବଂ ଆମେ ଏ ଅନ୍ଧାର ବନ୍ଦଶାଳାରେ ଚିରଦିନ ପାଇଁ ପଡ଼ିରହିବା ।"

ପିନୋକିୟୋ କହିଲା, "ବାପା, ଆଉ ସମୟ ନଷ୍ଟ ନକରି ଶୀଘ୍ର ଏ ମାଛ ପେଟରୁ ବାହାରିବାର ଉପାୟ ଖୋଜିବା । ମାଛର ମୁହଁ-ବାଟେ ବାହାରିଯିବା ପାଇଁ ବୋଧହୁଏ ସୁବିଧା ହେବ ।"

"କିନ୍ତୁ ମୁଁ ତ ପହଁରି ଜାଣିନି ।'' ବୁଢ଼ା ଗେପେଟୋ କହିଲା ।

"ମୁଁ ତୁମକୁ ସାଥିରେ ନେଇ ପହଁରିପାରିବି ।"

Digitized by srujanika@gmail.com

ସେତିକିବେଳେ ପୂର୍ବର ସେଇ ଶ୍ରେଷ୍ଠ ମାଛଟି କହିଲା, "ହଁ କଣ୍ଢେଇ ଭାଇ, ତୁମେ ଲକ୍ଷ୍ୟ କରିଥିବ ଏ ତିମିମାଛଟା ବନରେ ଅନେକଥର ମୁହଁ ଖୋଲି ରଖୁଛି । ଅନେକଗୁଡ଼ିଏ ମାଛ ଆସି ତା' ବଡ଼ପାଟି ଭିତରେ ଜମା ହେବା ପର୍ଯ୍ୟନ୍ତ ସେ ପାଟିଟା ଖୋଲି ରଖୁଛି ଏବଂ ସେଇଟା ହିଁ ଆମ୍ଭମାନଙ୍କର ଖସିବାର ସୁଯୋଗ ।"

ଠିକ୍ ସେତିକିବେଳେ ତିମିମାଛଟା ହଲ୍‌ଚଲ୍ ହେଲା ଭଳି ଜଣାପଡ଼ିଲା । "ବୋଧେ ତିମି ମୁହଁ ଖୋଲୁଛି—ପ୍ରସ୍ତୁତ ହୋଇଯାଅ ।" —ବୁଢ଼ା ଗେପେଟୋ କହିଲା ।

ତିମିମାଛଟା ଯେମିତି ମୁହଁ ଖୋଲୁଛି ପିନୋକସ୍ୱୋ ବୁଢ଼ା ବାପକୁ ପିଠିରେ ବସାଇ ଅତି ଶୀଘ୍ର ମାଛର ପାଟି ଭିତରୁ ପହଁରି ଚାଲିଆସିଲା । ତାର ସାଙ୍ଗ ଶ୍ରେଷ୍ଠ ମାଛଟା ମଧ୍ୟ ପଛେ ପଛେ ପହଁରି ଆସୁଥାଏ । ପିନୋକସ୍ୱୋର ଛାତି ଡରରେ ଧଡ଼ଧଡ଼ ହେଉଥାଏ, କାଳେ ସେମାନେ ତିମିର ପାଟି ଭିତରୁ ବାହାରିଯିବା ପୂର୍ବରୁ ତିମି ମୁହଁ ବନ୍ଦକରିଦେବ । ପ୍ରକୃତରେ ତିମିଟା ମୁହଁ ବନ୍ଦ କରିବାର ମୁହୂର୍ତ୍ତେ ଆଗରୁ ସେମାନେ ସମସ୍ତେ ସମୁଦ୍ର ଭିତରକୁ ଡେଇଁପଡ଼ିଲେ ଏବଂ ଜୀବନବଞ୍ଚାଇରେ ପହଁରି ଚାଲିଲେ । ସାରା ରାତି ପହଁରିବା ପରେ ମଧ୍ୟ ସମୁଦ୍ରର କୂଳ ଦେଖାଯାଉନଥାଏ । ପିନୋକସ୍ୱୋ ସେତେବେଳକୁ ବହୁତ ହାଲିଆ ହୋଇଗଲାଣି । ଶେଷରେ ସାଙ୍ଗ ମାଛଟା କହିଲା, "ଆରେ ଭାଇ, ସମୁଦ୍ର ତ ଆମ ଘର । ତୁମେ ଦୁହେଁ ଏବେ ମୋ ପିଠିରେ ବସ—ମୁଁ ତୁମକୁ ନେଇ କୂଳରେ ଆରାମରେ ପହଞ୍ଚାଇ ଦେବି ।" ବାପ ପୁଅ ମାଛ ପିଠିରେ ବସି ସକାଳ ହେଲା ବେଳକୁ ସମୁଦ୍ରକୂଳରେ ଆସି ପହଞ୍ଚିଲେ । ମାଛଟିକୁ ବହୁତ କୃତଜ୍ଞତା ଜଣାଇ ବାପ ପୁଅ ତା'ଠାରୁ ବିଦାୟନେଲେ ଏବଂ ଘର ଅଭିମୁଖେ ଚାଲିବା ଆରମ୍ଭକଲେ ।

Digitized by srujanika@gmail.com

ଗେପେଟୋ ଏତେ ହାଲିଆ ହୋଇଯାଇଥାଏ ଯେ ତା'ର ଦେହରେ ଚାଲିବା ପାଇଁ ଜମାରୁ ବଳ ନଥାଏ । ପିନୋକିଓ୍ୱ କହିଲା, "ବାପା, ତୁମେ ମୋ'ଉପରେ ଭର ଦେଇ ଚାଲ । ବାଟରେ କାହାର ଘରଟିଏ ପଡ଼ିଲେ ଆମେ କିଛି ଖାଇବାକୁ ମାଗିବା ଏବଂ କିଛି ସମୟ ବିଶ୍ରାମ କରିବା ।"

ଏହିପରି କିଛି ବାଟ ସେମାନେ ଗଲାପରେ ଦେଖିଲେ ସେଇ ପୁରୁଣା ଠକ ବିଲେଇ, ଗଧିଆ ହାଲକ ରାସ୍ତାକଡ଼ରେ ବସି ଭିକ ମାଗୁଥାନ୍ତି । ପ୍ରକୃତରେ ସେମାନେ ଅନେକ ବର୍ଷଧରି ଛୋଟା ଏବଂ ଅନ୍ଧ ହେବାର ଛଳନା କରି କରି ସତକୁ ସତ ସେପରି ହୋଇ-ଯାଇଥାନ୍ତି । ପିନୋକିଓ୍ୱକୁ ଦେଖି ସେମାନେ ବିକଳ ହୋଇ କିଛି ସାହାଯ୍ୟ ପାଇଁ ଡାକପକାଇଲେ । ପିନୋକିଓ୍ୱ କିନ୍ତୁ କହିଲା, "ତୁମେ ଦୁହେଁ ଯେଉଁଭଳି ମତେ ଠକିଛ ଏବଂ ହଇରାଣ କରିଛ, ତାହା କଣ ମୁଁ ଭୁଲିଯିବି ? ତୁମେ ତୁମର ପାପ-ଫଳ ଭୋଗ କର ।" ଏହା କହି ଗେପେଟୋ ଏବଂ ପିନୋକିଓ୍ୱ ଆଗକୁ ଚାଲିଗଲେ । କିଛିଦୂର ଗଲା ପରେ ସେମାନେ ଗୋଟିଏ କୁଡ଼ିଆ ପାଖରେ ପହଞ୍ଚିଲେ । ଘର ଭିତରେ କିନ୍ତୁ କେହି ନଥାନ୍ତି । କେବଳ ସେଇ ପୁରୁଣା ଝିଙ୍କାରିଟା ଘର କାନ୍ଥରେ ବସି ପିନୋକିଓ୍ୱର ଦୁଷ୍ଟାମି ଲାଗି ଅନେକ ଗାଳି-ଦେଲା । ବିଚରା କଣ୍ଢେଇଟି ଲଜ୍ଜାରେ ମୁହଁ ତଳକୁ କରି ସବୁ ସହିଗଲା ଏବଂ କହିଲା—ସତରେ ଝିଙ୍କାରି ଭାଇ, ମୋ ଦୁଷ୍ଟାମିର ଫଳ ମୁଁ ବହୁତ ଭୋଗକଲିଣି । ହେଲେ ମୋ ବାପାଙ୍କୁ ଟିକିଏ ସାହାଯ୍ୟ କର । ଏ ଘରଟା କଣ ତୁମର ?"

"ହଁ, ଏଇ ଘରଟା ମତେ ସେଇ ନୀଳ ପରୀ ଦେଇଛନ୍ତି । ସେ ଗଲାବେଳେ ତୁମ ପାଇଁ ଦୁଃଖରେ ଏତେ ଡାକୁଥିଲେ ଯେ, ମନେ-ହେଉଥିଲା, ଯେପରି ତାଙ୍କ ନିଜ ଲୁହର ନଈରେ ସେ ବୁଡ଼ିଯିବେ ।

Digitized by srujanika@gmail.com

ସେ ଭାବଛନ୍ତି ଯେ ତୁମକୁ ତିମିଙ୍ଗ ଖାଇଦେଇଛି ।”

“ତାହା ହେଲେ କଣ ମୁଁ ମାଲପର୍ଣ୍ଣଙ୍କୁ ଆଉ କେବେହେଲେ ଦେଖିପାରିବି ନାହିଁ ?”—ଏହା କହି ପିନୋକିୟୋ ଦୁଃଖରେ ବହୁତ କାନ୍ଦିଲା ।

କିଛି ସମୟପରେ ପିନୋକିୟୋର ମନ ପରିବର୍ତ୍ତନ ହେଲା । ସେ ଝିଙ୍କାରିକୁ ପଚାରିଲା ଯେ କେଉଁଠୁ ସେ ତା’ ବାପାଙ୍କ ପାଇଁ କିଛି ଖାଇବା ଜିନିଷ କିପରି ପାଇପାରିବ । ଝିଙ୍କାରିଟି ବତାଇଦେଲା, “ସେଠାରୁ କିଛି ଦୂରରେ ଗୋଟିଏ କୃଷୀ ପରିବାର ଅଛନ୍ତି । ତାଙ୍କ ପାଖରେ ଦୁଧ ମିଳିବ ।” ଏହା ଶୁଣି ପିନୋକିୟୋ ମନଖୁସିରେ ସେଠାକୁ ଗଲା । କିନ୍ତୁ ପଇସା କେଉଁଠୁ ପାଇବ ଯେ ଦୁଧ କିଣି ଆଣିବ ? ଶେଷ୍ରେ କୃଷୀଟିର ଜମିରେ ଶହେ ବାଲ୍‌ଟି ପାଣି ମଡ଼ାଇ ଗୋଟିଏ ଗ୍ଲାସ ଦୁଧର ବ୍ୟବସ୍ଥା କଲା ପିନୋକିୟୋ ।

କୃଷୀଟି କହିଲା, “ବୁଝିଲୁ ପିନୋକିୟୋ ! ମୋର ଗୋଟିଏ ଗଧ ପାଣି ମଡ଼ାଇବା କାମ କରୁଥିଲା । ଆଜିକାଲି ସେ ବେମାର ପଡ଼ିଛି ।” ପିନୋକିୟୋ କହିଲା, “ମୁଁ ତାକୁ ଟିକଏ ଦେଖିପାରେକି ?” କୃଷୀ ସାଙ୍ଗରେ ଯାଇ ସେ ଦେଖେ ତ, ତାର ପୁରୁଣା ସାଙ୍ଗ ଢେଙ୍ଗୁ ଗୁହାଳରେ ମୁହଁମାଡ଼ି ପଡ଼ିଛି । ତାକୁ ଦେଖି ପିନୋକିୟୋର ମନରେ ଦୟାହେଲା ।

ତା’ପରଦିନଠାରୁ ଅନେକ ଦିନ ପର୍ଯ୍ୟନ୍ତ ପିନୋକିୟୋ ପ୍ରତିଦିନ ପାହାନ୍ତିଆରୁ ଉଠି କୃଷୀର ଜମିରେ ପାଣି ମଡ଼ାଇଦିଏ ଏବଂ ବାପା ପାଇଁ ଦୁଧ ନେଇ ଖାଇବାକୁ ଦିଏ । ଜଅନ୍ତା କଣ୍ଢେଇଟି ଦିନରାତି ପରିଶ୍ରମ କରି ବୁଢ଼ା ଗେପେଟୋର ବହୁତ ସେବା-ଶୁଶ୍ରୂଷା କଲା । ସେ ତା’ର ରୋଜଗାରରୁ ଯାହା ପଇସା ବଞ୍ଚାଇଲା, ସେଥିରେ କିଛି ନୂଆ ପୋଷାକ କିଣିବା ପାଇଁ ଠିକ୍ କଲା ।

Digitized by srujanika@gmail.com

ପଇସାତକ ଧରି ସେ ଦୋକାନ ଆଡ଼କୁ ବଡ଼େ ମନଖୁସିରେ ଗଲାବେଳେ ହଠାତ୍ ଜଣେ ପଛରୁ ତାକୁ ଡାକିବା ଶୁଣାଗଲା । ପିନୋକିଓ୍ୱୋ ବୁଲି ଦେଖେ ତ ମାଳପରୀଙ୍କ ପାଖରେ ଥିବା ଗ୍ଭକର ଗେଣ୍ଡାଡାକୁଛି ।

ଗୋଣ୍ଡା କହିଲା, 'ପିନୋକିଓ୍ୱୋ, ଗୋଟିଏ ଦୁଃଖର ଖବର ଶୁଣ । ମାଳପରୀ ଖୁବ୍ ଅସୁସ୍ଥ ହୋଇ ଡାକ୍ତରଖାନାରେ ପଡ଼ିଛନ୍ତି । ତାଙ୍କ ପାଖରେ ଔଷଧ କିଣିବାକୁ କି ଫଳ କିଣିବା ପାଇଁ ଗୋଟିଏ ହେଲେ ପଇସା ନାହିଁ ।"

ପିନୋକିଓ୍ୱୋ ସଙ୍ଗେ ସଙ୍ଗେ ନିଜ ପାଖରେ ଥିବା ପଇସାତକ ଗେଣ୍ଡାକୁ ଦେଇ କହିଲା, "ଭାଇ, ଏତକ ନେଇ ଶୀଘ୍ର ମାଳପରୀଙ୍କୁ ଦେଇଦିଅ । ମୋର ନୂଆ ଲୁଗାପଟା ନ କିଣିଲେ ଏବେ ଚଳିଯିବ ।"

ସେଦିନ ସନ୍ଧ୍ୟା ପର୍ଯ୍ୟନ୍ତ ବିଚରା କଣ୍ଢେଇଟି ଖୁବ୍ ପରିଶ୍ରମ କଲା —କାରଣ ଅଧିକା ପଇସା ପାଇଲେ ସିନା ମାଳପରୀଙ୍କୁ ସାହାଯ୍ୟ କରି ପାରିବ । ସେଦିନ ସେ ଏତେ ଥକିଯାଇଥିଲା ଯେ ରାତିରେ ଘରେ ପହଞ୍ଚୁ ପହଞ୍ଚୁ ନିଦରେ ଶୋଇଗଲା ।

ରାତିରେ ସ୍ୱପ୍ନରେ ସେ ମାଳପରୀଙ୍କୁ ଦେଖିଲା । ପରୀ କହୁଥିଲେ "ସତରେ ପିନୋକିଓ୍ୱୋ, ଯେଉଁଦିନ ତୁ ସମ୍ପୂର୍ଣ୍ଣରୂପେ ନିଃସ୍ୱାର୍ଥପର ହୋଇ ପାରିବୁ, କେବଳ ସତ କଥା କହିବୁ ଏବଂ ସାହାସ ଦେଖାଇବୁ ସେଦିନ ତୁ କାଠକଣ୍ଢେଇରୁ ପ୍ରକୃତ ମଣିଷପିଲାଟିଏ ହୋଇଯିବୁ ।"

ସତକୁ ସତ ତା'ପର ଦିନ ସକାଳୁ ପିନୋକିଓ୍ୱୋ ନିଦରୁ ଉଠି ଦେଖେ ତ ସେ ଆଉ କଣ୍ଢେଇ ହୋଇ ରହିନାହିଁ—ମଣିଷପିଲାଟିଏ ପାଲଟିଯାଇଛି । ତା'ର ଆନନ୍ଦ କହିଲେ ନ ସରେ । ସେ ଆହୁରି ଦେଖିଲା ତା' ପାଇଁ ଗୋଟିଏ ନୂଆ ଦାମିକା ପୋଷାକ ଏବଂ ହଳେ ନୂଆଜୋତା ସାମନା ଟେବୁଲ୍ ଉପରେ ଥୁଆହୋଇଛି । ସେ ପୋଷାକଟି

Digitized by srujanika@gmail.com

ଖୋଲି ତା'ଭିତରୁ ଗୋଟିଏ ଗ୍ରେଷ୍ଟ ଥଳୀ ପାଇଲା । ସେଥିରେ ଥିବା ଖଣ୍ଡିଏ କାଗଜରେ ଲେଖା ହୋଇଛି 'ନୀଳପରୀ, ; ଆଦରର ପିନୋକିଓ ଉପରେ ଖୁସି ହୋଇ ଏଇ ଉପହାର ଦେଇଛନ୍ତି ।" ଥଳୀଟିଭିତରେ ଗୁଳିଗିଟି ସୁନା ମୋହର ଚକ୍‌ଚକ୍ କରୁଥାଏ ।

ପିନୋକିଓ ଆନନ୍ଦରେ ଅଧୀର ହୋଇ ବାପା ଗେପେଟୋଙ୍କ ପାଖକୁ ଏକଥା କହିବାକୁ ଧାଇଁଗଲା । କିନ୍ତୁ ସେଠାରେ ସେ ଯାହା ଦେଖିଲା, ସେଥିରେ ଆହୁରି ଆଶ୍ଚର୍ଯ୍ୟ ହୋଇଗଲା । ତା' ବାପା ସୁସ୍ଥ ସବଳ ହୋଇ ଅତି ଆନନ୍ଦରେ ତାଙ୍କ ପୁରୁଣା ବ୍ୟବସାୟ କଣ୍ଢେଇ ତିଆରିରେ ଲାଗିଯାଇଥାନ୍ତି । ପିନୋକିଓ ପାଟିକରି ଉଠିଲା, "ବାପା, ବାପା ! ମତେ ଦେଖ । ମୁଁ ଆଉ କଣ୍ଢେଇ ହୋଇ ନାହିଁ । ବୁଢ଼ା ଗେପେଟୋ ଆଶ୍ଚର୍ଯ୍ୟ ହୋଇ ଚାହିଁରହିଥାଏ । ସେ ଆନନ୍ଦରେ ପିନୋକିଓକୁ କାଖକୁ ଉଠାଇନେଇ ଦେଖିଲେ ଯେ ପ୍ରକୃତରେ ଈଶ୍ୱର ଏତେଦିନକେ ତା' ଡାକ ଶୁଣିଛନ୍ତି ଏବଂ ତାଙ୍କୁ ଗୋଟିଏ ସନ୍ତାନ ଦେଇଛନ୍ତି ।

ତା'ପରେ କ'ଣ ହେଲା ଜାଣ ? ବୁଢ଼ା ଗେପେଟୋ ଘରଟିକୁ ଖୁବ୍ ସୁନ୍ଦର ଭାବେ ସଜାଇଦେଲା । ନୂଆ ଜାଳି ଘରକୁ ଉଷ୍ମ କରିଦେଲା । ବଲେଇ ଫିଗାରୋର ଆନନ୍ଦରେ ଲେଞ୍ଜହଲାଇ ଦେଖିବ କ'ଣ ? ତେଣେ କାଚଜାର ଭିତରେ ସୁନେଲି ମାଛଟି ମଧ୍ୟ କେତେ ପ୍ରକାର ନାଚ ଦେଖାଉଥାଏ ।

ପିନୋକିଓ ପାଇଁ କେତେ ପ୍ରକାରର କଣ୍ଢେଇ ଗଢ଼ାହେଲା । ଘରର ଗୋଟେ କୋଣରେ ସେଇ ପୁରୁଣା କାଠ କଣ୍ଢେଇଟି ସଜା ହୋଇ ରଖା ହୋଇଥାଏ । ତାକୁ ଦେଖି ପିନୋକିଓ ଭାବିଲା ସତରେ ମୁଁ କଣ୍ଢେଇ ଥିଲାବେଳେ କେମିତି ବିଚିତ୍ର ଦେଖାଯାଉଥିଲି । ଆଜି ଭଗବାନଙ୍କ ଦୟାରୁ ମୁଁ ମଣିଷରୂପ ପାଇଛି ।"

Digitized by srujanika@gmail.com